# ପାର୍ବତୀ ଗିରିଙ୍କ ଜୟନ୍ତୀ

## କସ୍ତୁରବା ଗାନ୍ଧୀ ମାତୃ ନିକେତନ

**ପାଇକମାଳ, ୧୯।୧ (ସମିସ):** କସ୍ତୁରବା ଗାନ୍ଧୀ ମାତୃନିକେତନ ପରିସରରେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ବହ୍ନି କନ୍ୟା ପାର୍ବତୀ ଗିରିଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳ ୫ଟାରେ ମାତୃ ନିକେତନର ଅନ୍ତେବାସୀ ଜର୍ଜଗଡ଼ ଗାଁ ଯାଇ ରାମଧୁନ ଗାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମଶାଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଅନ୍ତେବାସୀ ମାନେ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧୂପ, ଦୀପ, ପ୍ରଜ୍ୱଳନ କରିଥିଲେ। ନୃସିଂହନାଥ ଲାୟନ୍ସ କ୍ଲବ୍ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଶିବିର ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୬ରେ ହରିବନ୍ଧୁ ଜେନାଙ୍କ ଅଧ୍ୟକ୍ଷତା ସଭା ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭରେ ପୂର୍ବତନ ନୂଆପଡ଼ା ବିଧାୟକ ରାଜୁ ଭାଇ ଢ଼ୋଲକିଆଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ମୁଖ୍ୟ ଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଭାଇ ଢୋଲକିଆ, ମୁଖ୍ୟ ବକ୍ତା ଭାବେ ଦହିତା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସୁଶାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ବରଗଡ଼ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରୟାସ ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା, ସମାଜସେବୀ ରଜନିକାନ୍ତ ପରିଡ଼ା, ଅନୁଷ୍ଠାନର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ ଯୋଗ ଦେଇଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଢ଼ୋଲକିଆ ଉପହାର ପ୍ରଦାନ କରିଥିଲେ। ହେଲ୍ଥ ୱେଲଫେୟାର ଫାଉଣ୍ଡେସନ କଳାପାଣିଛକ ବରଗଡ଼ ତରଫରୁ ସମସ୍ତ ଅନ୍ତେବାସୀ ଓ ଛାତ୍ରଛାତ୍ରୀଙ୍କୁ ଟିସାର୍ଟ ଏବଂ ଖାତା କଲମ ସହ ମ୍ରିନ ବଣ୍ଟନ କରିବା ସହ ଅନୁଷ୍ଠାନକୁ ୫ ହଜାର ୫ ଶହ ଟଙ୍କା ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ନିର୍ମଳ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ପାର୍ବତୀ ଗିରି ସେବା ସମ୍ମାନ ଡ.ସୁବାଷ ନାୟକ ସେବା ସମ୍ମାନ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମାତୃପ୍ରସାଦ ରଥ ସେବା ସମ୍ମାନ ମାନପତ୍ର ପଠନ କରିଥିଲେ। ଶେଷରେ ସଞ୍ଜିବ ଦାସ ଧନ୍ୟବାଦ ଦେଇଥିଲେ।



## ଆଚିଭର୍ସ ହେଲ୍ଥ୍ ଫାଉଣ୍ଡେସନ

**ବରଗଡ଼, ୧୯।୧(ସମିସ):** ଆଚିଭର୍ସ ହେଲ୍ଥ୍ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ୧୦୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଫାଉଣ୍ଡେସନ ତରଫରୁ ସଭାପତି ଦିବାକର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟଅତିଥି, ମୁଖ୍ୟବକ୍ତା ପଦ୍ମଶ୍ରୀ ଭାଗବତ ପଧାନ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା କଳ୍ପନା ମାଝୀ, ପାୱାର ଅଫ୍ ଦିବ୍ୟାଙ୍ଗର ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ବିଦ୍ୟାଳୟ କମିଟିର ସଭାପତି ଡ.ଦିଲ୍ଲିପ ପଣ୍ଡା, ସମାଜସେବୀ ସର୍ଦ୍ଦାର ପ୍ରିତମ ସିଂ, ସ୍ୱର୍ଗତ ବୁଦ୍ଧଦେବ ପଧାନଙ୍କ ସହଧର୍ମିଣୀ କନକ ପଧାନ, ନିଶାମଣି ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦିବ୍ୟକାନ୍ତୀ ଭୋଇ, ସଂଗ୍ରାମ ନେପାକ, ଓଡ଼ିଶା ଜନତା ସଂଘର୍ଷ ସମିତିର ସଭାପତି କିଶୋର ଚନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ଅଭୟ ପଧାନ, ପ୍ରଧାନ ଶିକ୍ଷକ ନେପାଳ ଦୁଆନ, କାଉନସିଲର ରୋଶନ ପଧାନ, କାଉନସିଲର ଅକ୍ରୁର ବାରିକ, ସମାଜସେବୀ ପ୍ରଦୀପ ଥପା ଏବଂ ଚାଷୀ ନେତା ରମେଶ ମହାପାତ୍ର ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥିଗଣ ପାର୍ବତୀ ଗିରିଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ମୁଖ୍ୟବକ୍ତା ପଦ୍ମଶ୍ରୀ ଭାଗବତ ପଧାନ ପାର୍ବତୀ ଗିରିଙ୍କ ଅନାଥ, ବୃଦ୍ଧବୃଦ୍ଧାଙ୍କ ପ୍ରତି କରିଯାଇଥିବା ମହତକାର୍ଯ୍ୟର ସ୍ମୃତିଚାରଣ କରିଥିଲେ। ଫାଉଣ୍ଡେସନ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦିବ୍ୟକାନ୍ତ ଭୋଇ (ବରଗଡ଼)ଙ୍କୁ ପାର୍ବତୀ ଗିରି ସମ୍ମାନ ଏବଂ ସୁମତି ଖମାରୀ (ରାମଖୋଲ) ଓ କନକ ପଧାନ (ବରଗଡ଼)ଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ଦେହେରୀ, ଭବାନୀ ସାହୁ, ମାମୀ ମିଶ୍ର, ଅରୁଣା ଘିବେଲା, ସମାରୁ ପଧାନ, ଆନନ୍ଦ ପଧାନ, ପୁଷ୍ପାଞ୍ଜଳୀ ବେହେରା, ସାରଥୀ ମେହେର, ବୃନ୍ଦା ବୃନ୍ଦାବନ ସାହୁ ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଗଣ ଉପସ୍ଥିତ ଥିଲେ। ଏହି ଶତବାର୍ଷିକ ଜୟନ୍ତିରେ ଫାଉଣ୍ଡେସନର ଅଧ୍ୟକ୍ଷ ଦିବାକାର ମାଝୀ ଅତିଥିଗଣଙ୍କୁ ଅଶୋକ ବୃକ୍ଷର ଚାରା ଏବଂ ତୁଳ ତୁଳସୀ ଗଛର ଚାରା ପ୍ରଦାନ କରି ପାର୍ବତୀ ଗିରିଙ୍କ ଜିବନ ବିଷୟରେ ଗୁଣଗାନ କରିଥିଲେ। ଶେଷରେ ଫାଉଣ୍ଡେସନର ସମ୍ପାଦକ ଭଗବାନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## ବଡ଼ମା' ପରିବାର

**ବରଗଡ଼, ୧୯।୧(ସମିସ):** ବରଗଡ଼ ଜିଲ୍ଲା ବଡ଼ମା' ପରିବାର ପକ୍ଷରୁ ବହ୍ନି କନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତାବ୍ଦୀ ପାଳନ ହୋଇଛି। ଏହି ଅବସରରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହ ବଡ଼ମା' ସିନେମାରେ ଅଭିନୟ କରିଥିବା କଳାକାର ଗଣ ଯୋଗ ଦେଇଥିଲେ। ପାର୍ବତୀ ଗିରିଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା। ବହ୍ନି କନ୍ୟା ପାର୍ବତୀ ଗିରିଙ୍କ ଜୀବନୀ ଉପରେ ଆଧାରିତ ଚଳଚିତ୍ର ବଡ଼ମା'କୁ ରାଜ୍ୟ ତଥା ଦେଶର କୋଣ ଅନୁକୋଣରେ ପ୍ରଚାର ପ୍ରସାର ତଥା ପ୍ରଦର୍ଶନ କରାଯିବାର ଆବଶ୍ୟକତା ନେଇ ମତ ପ୍ରକାଶ ପାଇଥିଲା। ଏଥିପାଇଁ ଲିଟୁ ମହାନ୍ତିଙ୍କ ଦ୍ୱାରା ପ୍ରାୟୋଜିତ ଏବଂ ନିର୍ଦ୍ଦେଶିତ ବଡ଼ମା' ଚଳଚ୍ଚିତ୍ରକୁ ସରକାର ନିଜ ହାତକୁ ନେଲେ ବଡ଼ମା' ପାର୍ବତୀ ଗିରିଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଆଲୋଚନା ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ରାଧାରାଣୀ ମିଶ୍ର, ପ୍ରୀତି ଗୁରୁ, କନକ ଡନସନା, ଅରୁଣା ଘିବେଲା, ଅନୁ ଘିବେଲା, ଡ.ତପସ୍ୱିନୀ ଗୁରୁ, ସତ୍ୟ ପଣ୍ଡା ସୁନନ୍ଦା ପଣ୍ଡା ପ୍ରମୁଖ ବଡ଼ମା' ଚଳଚ୍ଚିତ୍ରର ସମସ୍ତ କଳାକାର ଯୋଗ ଦେଇଥିଲେ।



### ବହ୍ନିକନ୍ୟାଙ୍କ ଜନ୍ମ ଶତବର୍ଷିକୀ

# 'ପାର୍ବତୀ ଗିରିଙ୍କ ପଦାଅନୁଶରଣରେ ସମୃଦ୍ଧ ଓଡ଼ିଶା ସମ୍ଭବ'

**ବିଜେପୁର, ୧୯।୧(ସମିସ)**

ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖା ତଥା ମାନବ ସେବାର ମୂର୍ତ୍ତିମନ୍ତ ପ୍ରତୀକ ବଡ ମା' ପାର୍ବତୀ ଗିରିଙ୍କ ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ବରଗଡ଼ ଜିଲ୍ଲା ପ୍ରଶାସନ ଏବଂ ପର୍ବତୀ ଗିରି ଜନ୍ମ ଶତ ବାର୍ଷିକୀ କମିଟି ଓ ପାର୍ବତୀ ଗିରି ବୃଦ୍ଧାଶ୍ରମ କମିଟି, ସମଲାଇପଦର ମିଳିତ ସହଯୋଗରେ ସୋମବାର ବିଜେପୁର ଉଚ୍ଚ ବିଦ୍ୟଳୟ ଖେଳ ପଡ଼ିଆରେ ତାଙ୍କର ଜନ୍ମ ଶତବର୍ଷିକୀ ସମାରୋହ ମହା ଆଡମ୍ବର ସହକାରେ ପାଳିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ବେସରକାରୀ ବସଷ୍ଟାଣ୍ଡ ନିକଟସ୍ଥ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଏକାମ୍ର ଛକ ସ୍ଥିତ ପାର୍ବତୀଗିରି ମାର୍ଗ ନାମ ଫଳକକୁ ଉଦ୍‌ଘାଟନ କରିଥିଲେ। ଏହାପରେ ସେ ବଡ଼ ମା ପର୍ବତୀ ଗିରିଙ୍କ ଜନ୍ମମାଟି ସମଲେଇପଦର ଗାଁ ସ୍ଥିତ ବୃଦ୍ଧାଶ୍ରମ ଏବଂ ଉଚ୍ଚ ବିଦ୍ୟାଳୟଠାରେ ଥିବା ବହ୍ନି କନ୍ୟାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଶତବାର୍ଷିକୀ ପାଳନ ସମାରୋହରେ ବାଲୁକା କଳାକୃତି ଏବଂ ଚିତ୍ରାଙ୍କନ ପ୍ରଦର୍ଶନୀର ଉଦ୍‌ଘାଟନ ଓ ପରିଦର୍ଶନ କରିଥିଲେ।

ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପାର୍ବତୀ ଗିରି ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ସମଲାଇପଦର ଗାଁରେ ଜନ୍ମଗ୍ରହଣ କରିଥିଲେ। ଗରିବ, ମହିଳା, ଅନାଥ ଏବଂ ସମାଜର ଅବହେଳିତ ବର୍ଗର ଉନ୍ନତି ପାଇଁ ନିଜର ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ। ମାତ୍ର ୧୬ ବର୍ଷ ବୟସରୁ ମହାତ୍ମା ଗାନ୍ଧୀଙ୍କ ଅହିଂସା, ସ୍ୱାବଲମ୍ବୀ ଏବଂ ଖଦି ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ବ୍ରିଟିଶ ବିରୋଧୀ ସ୍ୱାଧୀନତା ଆନ୍ଦୋଳନର ଜଣେ ସକ୍ରିୟ କର୍ମୀ ଭାବେ ଭାରତ ଛାଡ ଆନ୍ଦୋଳନ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବରଗଡ଼ କୋର୍ଟ ଏବଂ ଏସଡିଓଙ୍କ କାର୍ଯ୍ୟାଳୟରେ ପ୍ରତିବାଦର ନେତୃତ୍ୱ ନେଇ ବାରମ୍ବାର ଗିରଫ ହୋଇଥିଲେ। ପରେ ସମ୍ବଲପୁର ଜେଲରେ ଦୁଇ ବର୍ଷ ପାଇଁ କାରାବରଣ କରିଥିଲେ। ସ୍ୱାଧୀନତା ପରେ ଜିଲ୍ଲାର ନୃସିଂହନାଥ ଠାରେ କସ୍ତୁରବା ଗାନ୍ଧୀ ମାତୃନିକେତନ ଏବଂ ସମ୍ବଲପୁର ଜିଲ୍ଲାରେ ଡକ୍ଟର ସାନ୍ତରା ବାଳନିକେତନ ଭଳି ଅନେକ ଆଶ୍ରମ-ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ। ମହିଳା କଲ୍ୟାଣ, ଜେଲ ସଂସ୍କାର, କୁଷ୍ଠରୋଗର ନିରାକରଣ, ସ୍ୱାସ୍ଥ୍ୟ ଓ ପରିମଳ ସଚେତନତା ଏବଂ ଗ୍ରାମୀଣ ବିକାଶ କ୍ଷେତ୍ରରେ ମଧ୍ୟ ବ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ସମାଜର ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ମହାନ ଅବଦାନର ସ୍ମୃତିଚାରଣ କରିବା ସହ ତାଙ୍କ ଦ୍ୱାରା ପ୍ରଦର୍ଶିତ ଚଲାପଥକୁ ସମସ୍ତେ ଅନୁସରଣ କରି ସମୃଦ୍ଧ ଓଡ଼ିଶା ଗଠନ କରିବାରେ ସହାୟକ ହେବାକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଜନ୍ମପୀଠର ଉନ୍ନତି କରଣ ସମେତ ସମଲାଇପଦର ୯ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରକ୍ଷା ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଜେପୁର ବିଧାୟକ ସନତ ଗଡ଼ତିଆ, ବରଗଡ଼ ବିଧାୟକ ଅଶ୍ୱିନି ଷଡଙ୍ଗୀ, ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ, ପାର୍ବତୀଗିରିଙ୍କ ନାତି ନୀଳେଶ ଗିରି, ପୁତୁରା ଭରତ ଗିରି, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧୀକ୍ଷକ ପ୍ରହଲାଦ ସହାୟ ମିନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ପାର୍ବତୀ ଗିରି ଜନ୍ମ ଶତବାର୍ଷିକୀ ପାଳନ କମିଟି ସଭାପତି ସୁବାଶ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରେ ଅଞ୍ଚଳର ପ୍ରମୁଖ ସମାଜ ସେବୀ, ପ୍ରତିଭା ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନ ଗୁଡ଼ିକୁ ମିଶାଇ ମୋଟ ୨୭ ଜଣଙ୍କୁ ମୁଖ୍ୟ ଅତିଥି ଏବଂ ସମସ୍ତ ସମ୍ମାନିତ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ବ୍ଲକ ଓ ଜିଲ୍ଲା ସ୍ତରରେ ଆୟୋଜିତ ପ୍ରବନ୍ଧ ଲିଖନ ଏବଂ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୪୦ ଜଣ ମହାବିଦ୍ୟାଳୟ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜେପୁର ବ୍ଲକର ୨ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ସହ ବିଜେପୁର ତହସିଲ ଅନ୍ତର୍ଗତ ପଡ଼ା ଗାଁର ୧୯ ଜଣ ଯୋଗ୍ୟ ଭୂମିହିନ ହିତାଧିକାରୀଙ୍କୁ ବସୁନ୍ଧରା ପଟ୍ଟା ମଧ୍ୟ ପ୍ରଦାନ କରାଯାଇଥିଲା।

**ପାର୍ବତୀଗିରି ମାର୍ଗ ଭାବେ ନାମକରଣ ହେଲା ବରଗଡ଼-ବିଜେପୁର-ଦୁବାଲବାହାଲ ରାସ୍ତା**

**ବରପୁତ୍ର ଐତିହ୍ୟ ଗାଁ ଯୋଜନାରେ ସମଲେଇପଦର ସାମିଲ**






## ଗ୍ରାମୀଣ ଉଦ୍ୟମୀଙ୍କ ସଶକ୍ତୀକରଣ ପାଇଁ ଆଇଆଇଏମ୍ ସମ୍ବଲପୁରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ସମ୍ବଲପୁର, ୧୯।୧ (ସମିସ) :** ପ୍ରମୁଖ ପ୍ରବନ୍ଧନ ସଂସ୍ଥାନ ଆଇଆଇଏମ୍ ସମ୍ବଲପୁର, ଜାତୀୟ ଏସସି-ଏସଟି ହବ୍, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଯୋଗରେ ୧୯ ରୁ ୨୪ ତାରିଖ ପର୍ଯ୍ୟନ୍ତ ଉଦ୍ୟମୀମାନଙ୍କ ପାଇଁ ୬ ଦିନିଆ 'ବ୍ୟବସାୟ ତ୍ୱରାନ୍ୱିତ' କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି "ବିକଶିତ ଭାରତ ୨୦୪୭" ଏବଂ ସଂଯୁକ୍ତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସମନ୍ୱୟ ରଖି, ଏସସି-ଏସଟି ଉଦ୍ୟମୀମାନଙ୍କୁ ଆବଶ୍ୟକ ବ୍ୟବସାୟିକ, ଆର୍ଥିକ ଓ ଡିଜିଟାଲ୍ ଦକ୍ଷତାରେ ପ୍ରଶିକ୍ଷିତ କରି ଉଦ୍ୟମିତା ପରିବେଶକୁ ସୁଦୃଢ଼ କରିବା। ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ମୁଖ୍ୟ ଅତିଥି ଭାବେ ପୂର୍ବତନ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଏବଂ ଲାଇଭ୍ ଲି ଅଲ୍ଟରନେଟିଭ୍ସ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସମ୍ବିତ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ଜୋନାଲ୍ ହେଡ୍ ଡା. ଅନୁପମ ଗାୟେନ ଏବଂ ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ସମାଜ କଲ୍ୟାଣ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ନିବେଦିତା ନାୟକ ଉପସ୍ଥିତ ଥିଲେ।




ଏହି 'ବ୍ୟବସାୟ ତ୍ୱରାନ୍ୱିତ' କାର୍ଯ୍ୟକ୍ରମରେ ମୋଟ ୧୨ ଦିନର ପ୍ରଶିକ୍ଷଣ ରହିଛି, ଯେଉଁଥିରେ ୬ ଦିନ ଆଇଆଇଏମ୍ ସମ୍ବଲପୁର ପରିସରରେ ଏବଂ ୬ ଦିନିଆ ଅନଲାଇନ୍ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି। ଏହାପରେ ଅଂଶଗ୍ରହଣକାରୀ ଉଦ୍ୟମୀମାନଙ୍କୁ ୬ ମାସ ପର୍ଯ୍ୟନ୍ତ ମାର୍ଗଦର୍ଶନ ଓ ସହାୟତା ଦିଆଯିବ। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ମହାରାଷ୍ଟ୍ରରୁ ୨୫ ଜଣ ଉଦ୍ୟମୀ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରଫେସର ମହାଦେଓ ଜୟସ୍ୱାଲ କହିଛନ୍ତି ଯେ, ଆଇଆଇଏମ୍ ସମ୍ବଲପୁରର ଲକ୍ଷ୍ୟ ହେଉଛି ଉଦ୍ୟମୀ ମନୋଭାବ ସହ ଦାୟିତ୍ୱଶୀଳ ନେତୃତ୍ୱ ଗଢ଼ିବା। ଉଦ୍ୟମିତା କେବଳ ନିଜ ପାଇଁ ଧନ ସୃଷ୍ଟି କରିବା ନୁହେଁ, ବରଂ ସମାଜ, ଦେଶ ଓ ପୃଥିବୀ ପାଇଁ ମୂଲ୍ୟ ସୃଷ୍ଟି କରିବା। ବଡ଼ କର୍ପୋରେଟ୍ କମ୍ପାନୀ ଗଢ଼ିଲେ ମାତ୍ର 'ବିକଶିତ ଭାରତ' ସାକାର ହେବ ନାହିଁ; ଆମକୁ ଗ୍ରାମୀଣ ସ୍ତରରେ ଦାୟିତ୍ୱଶୀଳ ଉଦ୍ୟମୀମାନଙ୍କୁ ସୃଷ୍ଟି କରିବାକୁ ପଡ଼ିବ। ଜାତୀୟ ଶିକ୍ଷା ନୀତି ୨୦୨୦ ସହ ସମନ୍ୱୟ ରଖି, ଉଦ୍ୟମିତା ଜ୍ଞାନ ସୃଷ୍ଟି, ନବୋନ୍ମେଷ ଓ ଆଧୁନିକ ପ୍ରଯୁକ୍ତି ମାଧ୍ୟମରେ ଦାୟିତ୍ୱପୂର୍ଣ୍ଣ ସମ୍ପଦ ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

## ରାଇଜିଂ ଷ୍ଟାର ୩.୦ ଉଦ୍‌ଘାଟିତ

**ଝାରବନ୍ଧ, ୧୯।୧(ସମିସ):** ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ମାଟ୍ରିକ ପରୀକ୍ଷାରେ ଅବତୀର୍ଣ୍ଣ ହେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପ୍ରସ୍ତୁତି ସହ ଉତ୍ତମ ଫଳାଫଳ ଲାଗି 'ରାଇଜିଂ ଷ୍ଟାର ୩.୦' ଶିବିରର ଶୁଭାରମ୍ଭ କରାଯାଇଛି। ଝାରବନ୍ଧ ବିଇଓ ଶୁଭମ ପତିଙ୍କ ତତ୍ତ୍ୱାବଧାନରେ ଝାରବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରିପାଲି ଏବଂ ଡଭା ଉଚ୍ଚ ବିଦ୍ୟାଳୟରେ ଶିବିର ଆୟୋଜିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏବିଇଓ ଦୟାନିଧି କୈବର୍ତ୍ତ, ବିଶିକେଶନ ଶତପଥୀ ଏବଂ ଝାରବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୟାନିଧି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ବ୍ଲକର ୧୮ଟି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ, ୩ଟି ଶିବିରରେ ସମସ୍ତ ପାଠ୍ୟକ୍ରମ ଉପରେ ସନ୍ଦେହ ନିରାକରଣ ସହ ସଠିକ ପରୀକ୍ଷା ପ୍ରସ୍ତୁତି ପାଇଁ ମୋଟ ୪୨ ଜଣ ପ୍ରଶିକ୍ଷକ ଶିକ୍ଷା ପ୍ରଦାନ ଆରମ୍ଭ କରିଛନ୍ତି।

## ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏସନ ବୈଠକ

**ସମ୍ବଲପୁର, ୧୯।୧ (ସମିସ):** ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏସନର ବାର୍ଷିକ ଫଟୋଗ୍ରାଫର୍ସ ମିଟ୍ ଏକ ଘରୋଇ ହୋଟେଲରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଫଟୋଗ୍ରାଫି ଉତ୍ସାହୀ ଏବଂ ବୃତ୍ତିଗତମାନଙ୍କୁ ସେମାନଙ୍କର ଆଗ୍ରହ ଏବଂ ବିଶେଷଜ୍ଞତା ବାଣ୍ଟିବା ପାଇଁ ଏକତ୍ରିତ କରିଥାଏ। ଏଥିରେ ବହୁ ସଂଖ୍ୟାରେ ଫଟୋଗ୍ରାଫର୍‌ମାନେ ଅଂଶଗ୍ରହଣ କରିଥିଲେ। ଏହାଦ୍ୱାରା କର୍ମଶାଳା, ପ୍ରଦର୍ଶନୀ ଏବଂ ନେଟୱାର୍କିଂ ସୁଯୋଗ ପ୍ରଦାନ କରାଯିବ ବୋଲି ଆଶା କରାଯାଉଛି, ଯାହା ଫଟୋଗ୍ରାଫରମାନଙ୍କୁ ପରସ୍ପରଠାରୁ ଶିଖିବା ଏବଂ ସେମାନଙ୍କର କାମ ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ। କାର୍ଯ୍ୟକ୍ରମକୁ ସଭାପତି ଅକ୍ଷୟ କୁମାର ପଣ୍ଡା, ସମ୍ପାଦକ ତପନ ଦାସ, କୋଷାଧ୍ୟକ୍ଷ ନିକେତ ମେହେଟ୍ଟା ପ୍ରମୁଖ ପରିଚାଳନା କରିଥିଲେ।



## ଅଞ୍ଚଳ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ଶିବିର ଉଦ୍‌ଘାଟିତ

**ପଦ୍ମପୁର, ୧୯।୧(ସମିସ):** ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ ପକ୍ଷରୁ ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ସୋମବାର ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ସ୍ୱତନ୍ତ୍ର ଶିବିରଟି ମହାବିଦ୍ୟାଳୟର ପୋଷ୍ୟ ଗାଁ ଚାରପାଲିରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ବୁନି ସାହୁଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହେଉଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସ୍ୱେଚ୍ଛାସେବୀମାନଙ୍କୁ ସମାଜ ଗଠନରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ସମାଜସେବୀ ନିରୋଜ ଦୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାର ବରପୁତ୍ରୀ ତଥା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରୀଙ୍କ ନିସ୍ୱାର୍ଥପର ସେବା ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମ ଅଧିକାରୀ ଭୁବନେଶ୍ୱର ବରିହା ଏବଂ ଅଧ୍ୟାପକ ଡ. ସରୋଜ ନାଏକ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଛାତ୍ରୀ ଭାରତୀ ବେହେରା, ଇତିଶ୍ରୀ ସାହୁ, ଜନନୀ ସାହୁ ଏବଂ ଛାତ୍ର ଚୈତନ୍ୟ ପଣ୍ଡା, ଧର୍ମେନ୍ଦ୍ର ଅଦାବର ଓ ମୁକେଶ ଯାଦବ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ସୁରେଶ୍ୱରୀ ପାଣ୍ଡେ ସମସ୍ତ ଅତିଥି ଓ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ୭ ଦିନ ପର୍ଯ୍ୟନ୍ତ ଏହି ଶିବିର ମାଧ୍ୟମରେ ଚାରପାଲି ଗାଁରେ ବିଭିନ୍ନ ସାମାଜିକ ସଚେତନତା ଓ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଅର୍ଜୁନ ସ୍ନାତକ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ରେଢ଼ାଖୋଲ, ୧୯।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ପ୍ରଶାସନ ତରଫରୁ ଭୀମଭୋଇ ଲୋକ ମହୋତ୍ସବ ଉପଲକ୍ଷେ କଦଳୀଗଡ଼ ପଞ୍ଚାୟତସ୍ଥିତ ଅର୍ଜୁନ ସ୍ନାତକ ମହାବିଦ୍ୟାଳୟରେ ସୋମବାର ଦିନ ଓଡ଼ିଆ ଅଧ୍ୟାପିକା ବିସ୍ମିତା ମହାକୁଡଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଆଲୋଚନା ଚକ୍ର ଅନୁଷ୍ଠିତ ହେଇଯାଇଛି। ରେଢ଼ାଖୋଲ ପ୍ରଥମ ଭୀମଭୋଇ ଲୋକ ମହୋତ୍ସବ ଉପଲକ୍ଷେ ଅର୍ଜୁନ ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଭୀମଭୋଇ ସ୍ମୃତି କୂପ କନ୍ଧରା ଠାରୁ କଲେଜ୍ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଉକ୍ତ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ ସଭାପତିତ୍ୱ କରିଥିଲେ। ଇତିହାସ ବିଭାଗର ଅଧ୍ୟାପିକବୈନତେୟ ସାହୁ ଅତିଥି ପରିଚୟ ପ୍ରଦାନ ପୂର୍ବକ ଅତିଥିଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟବକ୍ତା ଭାବେ ଭୀମଭୋଇ ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ମାନଭଞ୍ଜନ କହଁର ଯୋଗ ଦେଇ ରେଢ଼ାଖୋଲ ର ଲୋକକଥା, ସଂସ୍କୃତିରେ ମହାଭାରତର ପଞ୍ଚ ପାଣ୍ଡବଙ୍କ ଏକ ଚରିତ୍ର ଚିତ୍ରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ସ୍ୱାଇଁ ରେଢ଼ାଖୋଲ ଉପଖଣ୍ଡର ଭୀମମଣ୍ଡଳୀର ଐତିହ, ପୁରୁଣା ଗଡ଼ ଐତିହ, କଦଳୀଗଡ଼ ର ଲୋକ କଥା ସଂସ୍କୃତିର ପୁନଃ ଉତ୍ଥାନ ନିମନ୍ତେ ଉଦବୋଧନ ଦେଇ ଐତିହାସିକ ଉପାଦାନ ମାନ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନଙ୍କ ଅଭିଭାଷଣରେ ସାମ୍ପ୍ରତିକ ସମାଜ ରେ ବିଲୁପ୍ତ ପ୍ରାୟ ଲୋକ କଥା, ଲୋକକଳା ଏବଂ ଲୋକ ସସ୍କୃତିକୁ ବଞ୍ଚେଇ ରଖିବା ପାଇଁ ଉପଖଣ୍ଡ ପ୍ରଶାସନ ତରଫରୁ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ଥାନୀୟ ସଙ୍କୀର୍ତ୍ତନ କ୍ଷେତ୍ରରେ ଭଦ୍ର ପ୍ରଧାନ, କ୍ରୀଡ଼ା କ୍ଷେତ୍ରରେ କୁନା ମୁଖି, ଇତିହାସ ର ପୁନଃ ଉତ୍ଥାନ କ୍ଷେତ୍ରରେ ରମେଶ ଚନ୍ଦ୍ର ସ୍ୱାଇଁ, ଦଣ୍ଡ ନୃତ୍ୟ କଳା କ୍ଷେତ୍ରରେ ରମେଶ ଚନ୍ଦ୍ର ରାଉଳଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଅସୀମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅବନୀ କୁମାର ଗୁରାଣ୍ଡି, ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




# ଜିଏମ୍‌ୟୁରେ 'ସାମାଜିକ ଲିଙ୍ଗ ଓ ଜଳବାୟୁ ପରିବର୍ତ୍ତନ' ଶୀର୍ଷକ ଅନ୍ତର୍ଜାତୀୟ କର୍ମଶାଳା

**ସମ୍ବଲପୁର, ୧୯।୧ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ରେ ସାମାଜିକ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ଓ ସମାଜଶାସ୍ତ୍ର ବିଭାଗ ଦ୍ୱାରା ମିଳିତ ଭାବେ 'ସାମାଜିକ ଲିଙ୍ଗ ଓ ଜଳବାୟୁ ପରିବର୍ତ୍ତନ' ଶୀର୍ଷକ ଦିନିକିଆ ଆନ୍ତର୍ଜାତୀୟ କାର୍ଯ୍ୟଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ ଯୋଗ ଦେଇଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ହ୍ୟୁମେନ ଷ୍ଟଡିସର ପ୍ରତିଷ୍ଠାପକ ନିର୍ଦ୍ଦେଶକ ପ୍ରଫେସର ଆଶା ହଂସ, ଉତ୍କଳ ବିଶ୍ୱବିଦ୍ୟାଳୟ ପବ୍ଲିକ୍ ଆଡମିନିଷ୍ଟ୍ରେସନ ବିଭାଗର ପୂର୍ବତନ ପ୍ରଫେସର, ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜଶାସ୍ତ୍ର ବିଭାଗ ମୁଖ୍ୟ ପ୍ରଫେସର ରବୀନ୍ଦ୍ର ଗରଦା ଏବଂ ସମାଜଶାସ୍ତ୍ର ବିଭାଗର ଡ. ତନୟା ମହାନ୍ତି ଯୋଗ ଦେଇଥିଲେ।

ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ ତାଙ୍କ ବକ୍ତବ୍ୟରେ ଓଡ଼ିଶାର ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ, ଅନିୟନ୍ତ୍ରିତ ଉନ୍ନୟନ ଓ ଖଣିଜ ଉତ୍ତୋଳନର ପ୍ରଭାବ ସର୍ବାଧିକ ଭାବେ ମହିଳାମାନଙ୍କ ଜୀବନ ଓ ଜୀବିକାକୁ ପ୍ରଭାବିତ କରିଛି। ତଥାପି, ଏହି ମହିଳାମାନେ କେବଳ ଜଳବାୟୁ ସଙ୍କଟର ଶିକାର ନୁହେଁ, ବରଂ ସେମାନେ ଏହା ବିରୋଧରେ ସବୁଠାରୁ ସକ୍ରିୟ ଓ ପ୍ରଭାବଶାଳୀ ପରିବର୍ତ୍ତନ ଆଣୁଥିବା ନେତୃତ୍ୱ ଭାବେ ଆଗକୁ ଆସିଛନ୍ତି ବୋଲି କହିଥିଲେ। ସେ ନୟାଗଡ଼ର 'ଥେଙ୍ଗାପଲ୍ଲି'ର ମହିଳା, ଜଗତସିଂହପୁର ଜିଲ୍ଲାର ଧିଙ୍କିଆ ଗ୍ରାମର ମହିଳା, ନିୟମଗିରି ପାହାଡ଼ ଅଞ୍ଚଳର ଡୋଙ୍ଗରିଆ କନ୍ଧ ଆଦିବାସୀ ମହିଳା, ଆଦି ବିଭିନ୍ନ ଉଦାହରଣ ଦେଇଥିଲେ। ପ୍ରଫେସର ଆଶା ହଂସ ନିଜ ବକ୍ତବ୍ୟରେ ଦକ୍ଷିଣ ଏସିଆରେ ଜଳବାୟୁ ପରିବର୍ତ୍ତନ କେବଳ ପରିବେଶୀୟ ସମସ୍ୟା ନୁହେଁ, ବରଂ ଏହା ସାମାଜିକ ଅସମତା, ଦାରିଦ୍ର୍ୟ ଓ ସାମାଜିକ ଲିଙ୍ଗଭିତ୍ତିକ ଅସୁରକ୍ଷାକୁ ଆହୁରି ଗଭୀର କରୁଛି ବୋଲି କହିଥିଲେ। ପ୍ରଫେସର ରବୀନ୍ଦ୍ର ଗରଦା ନିଜ ମତ ପ୍ରକାଶ କରି କହିଥିଲେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମାଜର ସମସ୍ତ ଶ୍ରେଣୀ ଉପରେ ସମାନ ଭାବେ ପଡ଼େ ନାହିଁ; ଏହା ସାମାଜିକ ଲିଙ୍ଗ ଆଧାରିତ ଅସମତାକୁ ଆହୁରି ପ୍ରକାଶ କରେ। ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ମହିଳାମାନେ ପାଣି ସଂଗ୍ରହ, କୃଷି କାର୍ଯ୍ୟ, ଖାଦ୍ୟ ପ୍ରସ୍ତୁତି ଓ ପରିବାର ସେବାର ପ୍ରଧାନ ଦାୟିତ୍ୱ ବହନ କରୁଥିବାରୁ ଜଳବାୟୁ ଜନିତ ସଙ୍କଟ ସେମାନଙ୍କ ଉପରେ ଅଧିକ ଭାର ପକାଏ।




ଆସିଷ୍ଟାଣ୍ଟ ପ୍ରଫେସର ଡ.ବନିତା ମହାନନ୍ଦିଆ କାର୍ଯ୍ୟଶାଳାର ପ୍ରାସଙ୍ଗିକତା ବିଷୟରେ କହିବା ସହ ଏହାକୁ ପରିଚାଳନା କରିଥିଲେ। ସମାଜଶାସ୍ତ୍ର ବିଭାଗ ମୁଖ୍ୟ ଡ ମୀରା ସ୍ୱାଇଁ କାର୍ଯ୍ୟକ୍ରମର ବିଷୟବସ୍ତୁ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କେଶବ ଚନ୍ଦ୍ର ରଥ ଏବଂ ବିଭାଗର ଶିକ୍ଷକ ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ପ୍ରଳୟ କୁମାର ଓଝା, ପ୍ରଫେସର ମୋନାଲିଶା କୁନ୍ତିଆ, ପ୍ରଫେସର ଝରଣା ମିଶ୍ର, ଲିଜା ସାହୁ, ସୁଦୀପ ନାୟକ, ଡ ଶିଳ୍ପୀସ୍ମିତା ପଣ୍ଡା, ଲକିରାଣୀ ପଣ୍ଡା, କମଳକାନ୍ତ ପରିଡ଼ା ଓ ବିଭାଗର ଗବେଷକ ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। ଶେଷରେ ରାଜନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସିଂହ ଶୁଭଲକ୍ଷ୍ମୀ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

# ୨୧୦ ବୋତଲ କଫ ସିରପ୍ ଜବତ, ୭ ଗିରଫ

ବରଗଡ଼,୧୯।୧(ସମିସ): ବରଗଡ଼ ଟାଉନ ଥାନା ନେତୃତ୍ୱରେ ପୁଲିସ ଏକ ଟିମ୍ ଗଠନ କରି କଫ ସିରପ୍ ମାମଲାରେ ୭ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ରିଙ୍କୁ ଦାଶ (୩୨), କୁଶ ମେହେର (୨୬), ଅଜିତ ପୋଡ଼(୨୫),



ନିର୍ମାଣ ତାଣ୍ଡି (୨୭), ବିକାଶ ଘିବେଲା (୨୨), ବିଶ୍ୱଜିତ ପଣ୍ଡା (୧୯) ଓ ଏମଡି ଇମ୍ରାନ ଖାନ(୨୨) । ସେମାନଙ୍କ ଠାରୁ ୨୧୦ ବୋତଲ କଫ ସିରପ୍ ଜବତ ହୋଇଛି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାଇ ମୀନାଙ୍କ ତତ୍ତ୍ୱାବଧାନରେ ଟାଉନ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେରଙ୍କ ନେତୃତ୍ୱରେ ବରଗଡ଼ ଆନନ୍ଦ ଧାମ ସ୍ଥିତ ନିର୍ମାଣ ହୋଇଥିବା ନୂତନ କୋଠାରେ କଫ ସିରପ୍ କାରବାର କରୁଥିବା ୭ ଜଣଙ୍କୁ ଗିରଫ କରାହୋଇଥିଲା । ସେମାନଙ୍କ ନାମରେ ମାମଲା ରୁଜୁ କରି ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି । ଏ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଚିତ୍ତରଞ୍ଜନ ମେହେର କହିଛନ୍ତି ।

# ଅତିରିକ୍ତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ପଦ୍ମପୁର,୧୯।୧(ସମିସ): ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ବ୍ୟତୀତ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ମହନ୍ତ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୭୫ଟି ଅଭିଯୋଗ ମଧ୍ୟରୁ ୬୧ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଶ୍ରୀଅରବିନ୍ଦ ସ୍କୁଲର ବାର୍ଷିକୋତ୍ସବ

ପଦ୍ମପୁର,୧୯।୧(ସମିସ): ଅଦିତି ବିହାର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୨୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସଭାରେ ବରିଷ୍ଠ ଆଇନଜୀବୀ ରାଧାବଲ୍ଲଭ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରିତିରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଶିକ୍ଷାବିତ ମନୋଜ ପଣ୍ଡା ମୁଖ୍ୟବକ୍ତା ରୂପେ ଏବଂ ସମ୍ପାଦକ ଆଦିତ୍ୟ ରଥ, କୋଷାଧ୍ୟକ୍ଷ ରଘୁମଣି ପୁରୋହିତ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ



କରିଥିଲେ । ଅଧ୍ୟକ୍ଷା ଆଲାଦିନୀ ଦଲାଇ ବାର୍ଷିକ ବିବରଣୀ ପଠନ ଏବଂ ପ୍ରଶାସକ ଭରତ ସାହୁ ଆଗାମୀ ଶିକ୍ଷାବର୍ଷର ରୂପରେଖ ଉପସ୍ଥାପନ କରିଥିଲେ । ଶିଶୁ ମାନଙ୍କ ଆକର୍ଷଣୀୟ ପରିଧାନରେ ଉଚ୍ଚକୋଟୀର ନୃତ୍ୟ ପରିବେଷଣ ସମସ୍ତଙ୍କ ମନ ମୋହିଥିଲା । ଶେଷରେ ସଦସ୍ୟ ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବକେୟା ଦରମା ଓ ଶିକ୍ଷକ ନିଯୁକ୍ତି ଅନିୟମିତତା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ପଦ୍ମପୁର,୧୯।୧(ସମିସ): ପଦ୍ମପୁର ବ୍ଲକ୍ ଅଧୀନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପୁରେନାର ଗ୍ରାମବାସୀ ସ୍କୁଲ ପ୍ରତି ଜିଲ୍ଲାଶିକ୍ଷା କାର୍ଯ୍ୟାଳୟର ବୈମାତୃକ ମନୋଭାବ ଥିବା ଅଭିଯୋଗ କରିଛନ୍ତି । ସ୍କୁଲର ଶିକ୍ଷକ ମାନଙ୍କର ବକେୟା ପାଉଣାକୁ ନେଇ ଆଜି ପଦମପୁର ବ୍ଲକ୍ କାର୍ଯ୍ୟାଳୟର ଓସ୍ୱାନ ହଲ୍ ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପୁରେନା ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି । ବର୍ତ୍ତମାନର ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକଙ୍କ ବକେୟା ଦରମା, ଜିଆଇଏସ୍ ଟଙ୍କା ଓ ୬୧୦ ସ୍କିମ୍‌ର ଶିକ୍ଷକ ନିଯୁକ୍ତିରେ ପାତରଅନ୍ତର ନୀତିକୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମାଧ୍ୟମରେ ଜଣାଇଛନ୍ତି । ଶୀଘ୍ର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପୁରେନା ପ୍ରତି ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳ ଆସନ୍ତା ୭ ଦିନ ମଧ୍ୟରେ ବକେୟା ପାଉଣା ଦେବାକୁ ଓ ନିଯୁକ୍ତି ପ୍ରକ୍ରିୟାର ତଦାରଖ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର

ଗାଇସିଲେଟ,୧୯।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟ, ଗାଇସିଲେଟ ଠାରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗାଇସିଲେଟ ବ୍ଲକ୍ ଚେୟାରମ୍ୟାନ ପ୍ରଣୟ ସାହୁ ଆତ୍ମସୁରକ୍ଷା ଉପରେ ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଦେବେନ୍ଦ୍ର ଯୋଶୀ, ଇତିହାସ ବିଭାଗର ପ୍ରାଧ୍ୟାପକ ପ୍ରଦୀପ ପଧାନ ବର୍ତ୍ତମାନ ସମାଜରେ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ଖେଳ ଶିକ୍ଷକ ହେମନ୍ତ ପଣ୍ଡା ନାରୀ ସଶକ୍ତିକରଣର ମହତ୍ତ୍ୱକୁ ନେଇ ବକ୍ତବ୍ୟ ଦେଇଥିଲେ । ମାଷ୍ଟର ଟ୍ରେନର ମାଧବୀ ସାହୁ ଦୀର୍ଘ ୮ ଦିନ ଧରି ଛାତ୍ରୀ ମାନଙ୍କୁ ଆତ୍ମସୁରକ୍ଷା ଉପରେ ତାଲିମ ଦେଇଥିଲେ । ଶେଷରେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ପରାମର୍ଶଦାତ୍ରୀ ତଥା ସଂଯୋଜିକା ଡ.ବୀଣାପାଣି ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ ।

**ବିଜେପି ସରକାରର ଚାଷୀ ମାରଣ ନୀତିକୁ ବିରୋଧ**

# ବରପାଲିରେ ବିଜେଡିର ଚାଷୀ ସମାବେଶ





ବରପାଲି,୧୯।୧(ସମିସ): ବିଜେପି ସରକାରଙ୍କ ଚାଷୀ ମାରଣ ନୀତି ପ୍ରତିବାଦରେ ସୋମବାର ବରପାଲିରେ ବିଜୁ ଜନତା ଦଳ ପକ୍ଷରୁ ବିରାଟ

## ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ

ଚାଷୀ ସମାବେଶ ଗଙ୍ଗାଧର କଲ୍ୟାଣ ମଣ୍ଡପ ପରିସରରେ ହୋଇଯାଇଛି । ଏହି ଅବସରରେ ବିଜେଡି ପକ୍ଷରୁ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ବିଶାଳ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବର୍ତ୍ତମାନର ବିଜେପି ସରକାରଙ୍କ ଚାଷୀ ମାରଣ ନୀତିକୁ ବିଜୁ ଜନତା ଦଳ ପକ୍ଷରୁ ତୀବ୍ର ବିରୋଧ ସହ କଡା ସମାଲୋଚନା କରାଯାଇଥିଲା । ବିଜେଡି ସବୁବେଳେ ସବୁ ସମୟରେ ଚାଷୀଙ୍କ ସହିତ ରହିଆସିଛି ବୋଲି ନେତା ମାନେ କହିଥିଲେ । ରାଜ୍ୟର ଚାଷୀଙ୍କ ହକ ଓ ଅଧିକାର ହାସଲ ପାଇଁ ଦରକାର ପଡିଲେ ବିଜେଡି ରାଜରାସ୍ତାରୁ ସିଧାସଳଖ ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ନେତା ମାନେ କଡା ଚେତାବନୀ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ରିତା ସାହୁଙ୍କ ନେତୃତ୍ୱ ତଥା ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପଦ୍ମପୁର ବିଧାୟିକା ବର୍ଷା ସିଂହ ବରିହା, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ନେତା ଗୌରହରି ମିଶ୍ର, ସୁଶାନ୍ତ ମିଶ୍ର, ରାଜୁ ଘେବାଲା, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, କଳ୍ପନା ମାଝୀ, ଲାଲ ବିକ୍ରମ ସିଂହ, ମହେନ୍ଦ୍ର ମେହେର, ତରଣି ଦେବତା, ଦେବାନନ୍ଦ ଗରତିଆ, ନାରଦ ବରିହା, ତିକାୟତ୍ ମହତ୍ତମ୍, ଗୋବିନ୍ଦ ସାହୁ, ମଧୁ ପ୍ରଧାନ, ସୁବ୍ରତ ବେହେରା ଏବଂ ସମସ୍ତ ବ୍ଲକ୍ ଏବଂ ଟାଉନର ସଭାପତି ତଥା ସଦସ୍ୟ ଉପସ୍ଥିତ ଥିଲେ । ପରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ରରେ ବରଗଡ଼ ଜିଲ୍ଲାର ସମସ୍ତ ପଞ୍ଜିକୃତ ଚାଷୀଙ୍କ ଟୋକନ ଶୀଘ୍ର ପ୍ରଦାନ, ଜିଲ୍ଲା ସ୍ତରରେ ଟୋକନ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟକାରୀ କରାଯିବା, ଧାନକ୍ରୟ କେନ୍ଦ୍ରରେ ଦୈନିକ ଲକ୍ଷ୍ୟଧାର୍ଯ୍ୟକୁ ୨ ଗୁଣ କରାଯାଇ ଧାନ କିଣାଯାଉ, ସମସ୍ତ ଧାନକ୍ରୟ କେନ୍ଦ୍ରକୁ ମିଲର୍ସର ମଧ୍ୟସ୍ଥି ଓ ଦଲାଲ ମୁକ୍ତ କରାଯାଉ, ଧାନର ଅଭାବି ବିକ୍ରି ରୋକିବା, କଟନିଛଟନି ବନ୍ଦ, ଧାନ କ୍ୱିଣ୍ଟାଲ ୩୧୭୯ ଟଙ୍କାରେ କିଣିବା ପାଇଁ ଦାବି ରହିଛି ।

# ମହର୍ଷି ଦୟାନନ୍ଦ କନ୍ୟା ଗୁରୁକୁଳର ବାର୍ଷିକୋତ୍ସବ

ପାଇକମାଳ,୧୯।୧(ସମିସ): ପାଇକମାଳ ବ୍ଲକ୍ ମହର୍ଷି ଦୟାନନ୍ଦ କନ୍ୟା ଗୁରୁକୁଳ ଘୁଚାପାଲିରେ ୧୭ତମ ବାର୍ଷିକୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ବାର୍ଷିକୋତ୍ସବରେ ନୂତନ ପ୍ରବିଷ୍ଟ କନ୍ୟାମାନଙ୍କର ବ୍ରତ ଉପନୟନ ଓ ବେଦାରମ୍ଭ ସଂସ୍କାର କରାଯାଇଥିଲା । ଏଥିସହ ନାରୀ ଉତ୍ଥାନ, ରାଷ୍ଟ୍ର ନିର୍ମାଣ, ବେଦ, ପରିବେଶ, ଶିକ୍ଷା ଏବଂ ସଂସ୍କୃତି ଆଦି ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ସାମବେଦ ପାରାୟଣ ମହାଯଜ୍ଞ ହୋଇଥିଲା । କନ୍ୟା ଗୁରୁକୁଳର ଛାତ୍ରୀ ମାନଙ୍କ ମଧ୍ୟରେ ଗୀତ, ନାଚ, ସଂଗୀତ, ବକ୍ତୃତା ଚିତ୍ରାଙ୍କନ, ପ୍ରତିଯୋଗିତା ସହ ବିଭିନ୍ନ ପ୍ରକାରର କୁସ୍ତି କରାଯାଇଥିଲା । କନ୍ୟା ଗୁରୁକୁଳ ପରିଚାଳନା କମିଟିର ସଭାପତି ବଡ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗ ଦେଇଥିଲେ । ଏଠାରେ ଅଧ୍ୟୟନ କରୁଥିବା ୯୦ ଜଣ କନ୍ୟାମାନଙ୍କ ସହ ସେ କିଛି ସମୟ ବିତାଇଥିଲେ । ଏହାସହ ଆଜିର ସମୟରେ ନିଜ ଝିଅକୁ କନ୍ୟା ଗୁରୁକୁଳକୁ ବେଦ, ଉପନିଷଦ ପଢ଼ିବା ପାଇଁ ପଠାଉଥିବା ଅଭିଭାବକ ମାନଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ୱାମୀ ସୁରେଶ୍ୱରାନନ୍ଦଜୀ, ଚୈତନ୍ୟ ମୁନିଜୀ, ସୁରେଶ ମୁନିଜୀ, ସୁଦୂର ହଲାଣ୍ଡରୁ ଆସିଥିବା ଇନ୍ଦିରାବତିଜୀ, କନ୍ୟା ଗୁରୁକୁଳ ସଞ୍ଚାଳକ ଆଚାର୍ଯ୍ୟ ନରଦେବଜୀ ଯଜୁର୍ବେଦୀ, ଆଚାର୍ଯ୍ୟ ଡ. ସାରଦା ବିଦ୍ୟାଳଙ୍କାର, ପ୍ରମୁଖ ବିଦ୍ୱାନ ପଣ୍ଡିତ ପ୍ରମୁଖ ଯୋଗ ଦେଇଥିଲେ । ମଣିଷ କିପରି ଆଧୁନିକ ଯୁଗରେ ସୁଖରେ ବଞ୍ଚିବେ, ନିଜର କୁଟୁମ୍ବ କିପରି ଧର୍ମକୁ ଆଦରି ପରିଚାଳିତ ହେବେ, ଶିକ୍ଷିତ ହୋଇ କିପରି ରାଷ୍ଟ୍ର ନିର୍ମାଣ କରିବେ, ନାରୀଜାତି ଉଚ୍ଚଶିକ୍ଷିତା ହୋଇ ସମାଜର ମଙ୍ଗଳ କାମରେ ଆଗେଇ ଆସିବେ, ଛାତ୍ରଛାତ୍ରୀଙ୍କ ଶିକ୍ଷା ଇତ୍ୟାଦି ବିଷୟରେ ବିସ୍ତୃତ ଦିଗଦର୍ଶନ ଦେଇଥିଲେ । ସଭା ପରିଚାଳନା ଆଚାର୍ଯ୍ୟ ନରଦେବଜୀ କରିଥିଲେ । ସଭାର ଉଦ୍ଦେଶ୍ୟ ଜ୍ଞାପନ ଆଚାର୍ଯ୍ୟ ସାରଦାଜି କରିଥିବା ବେଳେ ଧନ୍ୟବାଦ ଅର୍ପଣ କନ୍ୟା ଗୁରୁକୁଳର ପ୍ରବନ୍ଧକ ଆଚାର୍ଯ୍ୟ ଅନନ୍ତ କରିଥିଲେ ।

# ବିଜୟ ଲକ୍ଷ୍ମୀ ଯୋଗ ଏକାଡେମୀ ଉଦ୍‌ଘାଟିତ

ବରଗଡ଼,୧୯।୧(ସମିସ): ବିଜୟ ଲକ୍ଷ୍ମୀ ଯୋଗ ଏକାଡେମୀ ବିଜୟ ଲକ୍ଷ୍ମୀ ସାହୁଙ୍କ ଦ୍ୱାରା ସ୍ଥାନୀୟ ମିଳନ ମଣ୍ଡପ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସର୍ଦ୍ଦାର ପ୍ରୀତମ ସିଂହ, ବିଜୟଲକ୍ଷ୍ମୀଙ୍କ ବାପା ମହାରଣା ବାବୁ, ସମ୍ମାନିତ ଅତିଥି ଭାବେ ମହିଳା ସମିତିର ସଭାପତି ତଥା ସମାଜସେବୀ ଅଞ୍ଜନା ଦାସ, ସମ୍ମାନିତ ଅତିଥି ବୈଜୟନ୍ତୀ ପଣ୍ଡା ଏବଂ ଅନ୍ୟତମ ଅତିଥି ସମାଜସେବୀ ସଙ୍ଘମିତ୍ରା ପଟେଲ ମଞ୍ଚାସୀନ ଥିଲେ । ରାଧାରାଣୀ ମିଶ୍ର ସଭା ପରିଚାଳନା କରିଥିଲେ । ଯୋଗାସନ ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ମନ ମଧ୍ୟ ସୁସ୍ଥ ରହେ । ଶରୀରକୁ ରୋଗମୁକ୍ତ କରିବା ପାଇଁ ସବୁଦିନ ଯୋଗାଭ୍ୟାସ କରିବା ଜରୁରୀ ବୋଲି ଅତିଥି ମାନେ ମତ ରଖିଥିଲେ । ଏହି ଯୋଗ କ୍ଲାସ ପ୍ରତିଦିନ ସକାଳ ୫.୩୦ରୁ ୭.୩୦ ଘଣ୍ଟା ପର୍ଯ୍ୟନ୍ତ ମିଳନ ମଣ୍ଡପରେ ଆସନ୍ତା ୨୨ ତାରିଖ ଠାରୁ ଆରମ୍ଭ ହେବ ବୋଲି ଯୋଗ ଶିକ୍ଷିକା ସାହୁ ସୂଚନା ଦେଇଛନ୍ତି ।

**■ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ**

# ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା



ବରଗଡ଼,୧୯।୧(ସମିସ): କଟକର ଶୈଳବାଳା ମହାବିଦ୍ୟାଳୟରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ରାଜ୍ୟସ୍ତରୀୟ ସାଂସ୍କୃତିକ ଓ ସାହିତ୍ୟିକ ସମାବେଶ ହୋଇଯାଇଛି । ଏଥିରେ ବରଗଡର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ପ୍ରକାଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ୮ ଜଣିଆ ଛାତ୍ରଛାତ୍ରୀ ଦଳ ଭାଗ ନେଇ ସଫଳତା ଅର୍ଜନ କରିଛନ୍ତି । ପ୍ରକାଶ ଥାଉକି, ସମଗ୍ର ଓଡ଼ିଶାରୁ ଆସିଥିବା ୨୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳ ମଧ୍ୟରୁ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳଗତ ଲୋକନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି । କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଦାଶରୀ ମୂରଲୀ କ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ, ଅଧ୍ୟକ୍ଷ ଚିତରଞ୍ଜନ ପତି (ସିନିୟର୍ ସେକେଣ୍ଡାରୀ) ପ୍ରମୁଖ ଅନୁଷ୍ଠାନର ନୃତ୍ୟ ନିର୍ଦ୍ଦେଶକ ପ୍ରକାଶ ପଣ୍ଡା ଓ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ପଦ୍ମପୁର ପର୍ଶୁରାମ ବାହିନୀର ବୈଠକ



ପଦ୍ମପୁର,୧୯।୧(ସମିସ): ସ୍ଥାନୀୟ ବ୍ରାହ୍ମଣ ସମାଜ ସାଂସ୍କୃତିକ ଭବନଠାରେ ନୂତନଭାବ ଗଠିତ ହୋଇଥିବା ପର୍ଶୁରାମ ବାହିନୀର ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ପାର୍ଥସାରଥୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଆଗାମୀ ଦିନରେ ପର୍ଶୁରାମ ବାହିନୀକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ରକ୍ତଦାନ ଶିବିର, ବିଭିନ୍ନ ପ୍ରକାର ସଚେତନତା ମୂଳକ କାମ, ବିଦ୍ୟାଳୟମାନଙ୍କୁ ଯାଇ ଛାତ୍ରଛାତ୍ରୀଙ୍କୁ ଶୈକ୍ଷିକ ଉପକରଣ ବଣ୍ଟନ ଓ ଶୈକ୍ଷିକ ସହଯୋଗ ଇତ୍ୟାଦି ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିବା ପାଇଁ ସମସ୍ତ ସଭ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ । ବୈଠକକୁ ନିମନ୍ତ୍ରିତ ବ୍ରାହ୍ମଣ ସମାଜ ସଭାପତି ଜୟନାରାୟଣ ତ୍ରିପାଠୀ ବିଭିନ୍ନ ପ୍ରକାର ସଚେତନତାଧର୍ମୀ ତଥା ସଂସ୍କାରମୂଳକ କାମ କରି ଉଦାହରଣ ସୃଷ୍ଟି କରିବା ପାଇଁ ଉପଦେଶ ଦେଇଥିଲେ । ବ୍ରାହ୍ମଣ ସମାଜ ସମ୍ପାଦକ ସଦାନନ୍ଦ ପୁରୋହିତ ଆଗାମୀ ଫେବୃୟାରୀ ୨୨ରେ ସମାଜ ତରଫରୁ ହେବାକୁଥିବା ସାମୂହିକ ବ୍ରତୋପନୟନରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହାସହ ଯେକୌଣସି ବ୍ରାହ୍ମଣ ଯୁବକ ବ୍ରତ ହେବାକୁ ଇଚ୍ଛୁକ ଥିଲେ ୯୪୩୭୨୫୪୮୬୬ କିମ୍ବା ୯୭୭୭୫୨୬୧୯୫ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି । ପର୍ଶୁରାମ ବାହିନୀ ବ୍ରାହ୍ମଣ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ଓ ପର୍ଶୁରାମ ବାହିନୀ ସୁଦୃଢ଼ ହେଲେ ବ୍ରାହ୍ମଣ ସମାଜ ସୁଦୃଢ଼ ହୋଇପାରିବ ବୋଲି ଚନ୍ଦ୍ରଶେଖର ପୁରୋହିତ କହିଥିଲେ । ବୈଠକରେ ପ୍ରଭୁଦତ୍ତ ପଣ୍ଡା, ଦୀପକ ତିୱାରି, ରାକେଶ ଦାଶ, ବିକାଶ ପଣ୍ଡା, ବିକାଶ ମିଶ୍ର, ଉମେଶ ନାୟକ, ଦୀପକ ଦାଶ, ଦିନେଶ ବେହେରା, ବିଶ୍ୱ ପଣ୍ଡା, ବିଶ୍ୱ ଦାଶ ପ୍ରଭୃତି ବହୁସଂଖ୍ୟାରେ ସଭ୍ୟ ଉପସ୍ଥିତ ଥିବା ବେଳେ ପର୍ଶୁରାମ ବାହିନୀ ସମ୍ପାଦକ ଆକାଶ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# 'ବୀର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି' ଚକ୍ଷୁ ପରୀକ୍ଷା ଶିବିର

ପଦ୍ମପୁର,୧୯।୧(ସମିସ): ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ରାଜବୋଡାସମ୍ବର ଆନୁକୂଲ୍ୟରେ ସ୍ଥାନୀୟ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସର୍ଗିବାହାଲ ଠାରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା, ଚକ୍ଷୁ ପରୀକ୍ଷା ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଚକ୍ଷୁ ଚିକିତ୍ସକ ବିଦ୍ୱାରାଣୀ ନନ୍ଦ, କିଶୋର ଚନ୍ଦ୍ର ପଧାନ ଏବଂ ସରୋଜ ସେଠ୍ ଯୋଗ ଦେଇଥିଲେ । ୧୬୮ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ତନ୍ମଧ୍ୟରୁ ୯୩ ଜଣଙ୍କୁ ଚଷମା ପ୍ରଦାନ ଓ ୩ ଜଣକୁ ଜିଲ୍ଲା ଚିକିତ୍ସା କେନ୍ଦ୍ରକୁ ନିଦାନ ପାଇଁ ପ୍ରେରଣ କରିବାକୁ ସ୍ଥିରୀକୃତ କରାଗଲା । ଶିବିରକୁ ଭଗବାନ ତରିଆ ଓ ପ୍ରଭାତ ଚନ୍ଦ୍ର ସାହୁ ସଂଯୋଜନା କରିଥିବା ସହିତ ବ୍ଲକ୍‌ର ସମସ୍ତ ଶିକ୍ଷା ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗଣଙ୍କ ସହାୟତାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ।

# ଭେଡେନ ରାମଲୀଳା ଅର୍କେଷ୍ଟ୍ରା ବେଳେ ଗଣ୍ଡଗୋଳ

- **ଦର୍ଶକ-ପୁଲିସ ମୁହାଁମୁହିଁ, ପୁଲିସର ମୃଦୁ ଲାଠିଚାଳନା**
- **୬ ଆହତ, ଜଣେ ମହିଳା ଗୁରତର**

ଭେଡେନ,୧୯।୧(ସମିସ): ଭେଡେନ ରାମଲୀଳା ଅବସରରେ ପ୍ରବଳ ବିଶୃଙ୍ଖଳା ଦେଖାଦେଇଛି । ଉଦ୍‌ଯାପନୀ ସମାରୋହର ଗୋଟିଏ ଦିନ ପୂର୍ବରୁ ମାଡପିଟ ଧସ୍ତାଧସ୍ତି ହେବା ଫଳରେ ଦୁଇଜଣ ପୁଲିସ ଓ ୫ଜଣ ସାଧାରଣ ଜନତା ଆହତ ହେବା ସହିତ ଜଣେ ମହିଳା ଗୁରୁତର ହୋଇ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି । ଭେଡେନ ରାମଲୀଳା ଅବସରରେ ରବିବାର ରାତିରେ ଅନୁଷ୍ଠିତ ହୋଇଥିବା ଉମାକାନ୍ତ ବାରିକ ଆର୍କେଷ୍ଟ୍ରାରେ ପ୍ରାୟ ୧୦/୨୦ ହଜାର ଲୋକ ଉପସ୍ଥିତ ଥିଲେ । ଏହି ସମୟରେ କିଛି ଦର୍ଶକ ବିଶୃଙ୍ଖଳା ସୃଷ୍ଟି କରିବାରୁ ସ୍ଥିତି ଅଣାୟତ୍ତ ହୋଇଥିଲା ।

ସୂଚନାନୁଯାୟୀ, ଆର୍କେଷ୍ଟ୍ରା ଚାଲୁଥିବା ସମୟରେ କିଛି ଦର୍ଶକ ବିଶୃଙ୍ଖଳିତ ଆଚରଣ କରିଥିଲେ।। ଷ୍ଟେଜ ସମ୍ମୁଖରେ କିଛି ଦର୍ଶକ ଉଶୃଙ୍ଖଳ ନାଚ କରିବା ଆରମ୍ଭ କରିଥିଲେ । ଏହାଦ୍ୱାରା ଆଗରେ ବସିଥିବା ମହିଳା ଦର୍ଶକଙ୍କ ଅସୁବିଧା ହେବାରୁ ପୁଲିସ ସେମାନଙ୍କୁ ବାରଣ କରିଥିଲା । ଫଳରେ ଉକ୍ତ ଅସାମାଜିକ ବ୍ୟକ୍ତି ମାନେ ପୁଲିସଙ୍କୁ ପଥର, କାଚ ବୋତଲ ଆଦି ମାଡ କରିଥିଲେ । ଏଥିରେ ଦୁଇଜଣ ପୁଲିସ କର୍ମଚାରୀ ଆହତ ହେବା ସହ କିଛି ଦର୍ଶକ ମଧ୍ୟ ଆହତ ହୋଇଥିଲେ । ଫଳରେ ପୁଲିସ ଲୋକଙ୍କୁ ଘଉଡାଇବାକୁ ଯାଇ ମୃଦୁ ଲାଠି ଚାଳନା କରିବାରୁ କିଛି ଲୋକ ମଧ୍ୟ ଆହତ ହୋଇଥିଲେ । ଲାଠି ଚାଳନା ଫଳରେ ଲୋକଙ୍କ ମଧ୍ୟରେ ଧାଁଧପଡ ହେବା କାରଣରୁ ମଧ୍ୟ ଅନେକ ଲୋକ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରୁ ୬ ଜଣଙ୍କ ଭେଡେନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ । ତେବେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆ ଯାଇଥିବା ଜଣାପଡ଼ିଛି । ଏହି ଘଟଣାରେ ଗୁରୁତର ହୋଇଥିବା ଗଠିଆପାଲି ଗାଁର ଜଣେ ବୟସ୍କା ଗହକି ସୁହୁଲାଙ୍କୁ ବୁର୍ଲା ରେଫର କରାଯାଇଛି । ଗୁରୁତର ବୃଦ୍ଧା ଜଣକ ପୁଲିସ ପିଟିବାରୁ ଏପରି ହୋଇଥିବା କହିଛନ୍ତି । ଭେଡେନ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ର ଓ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ପୁଲିସର ମାଡ ଘଟଣାକୁ ଖଣ୍ଡନ କରିବା ସହ ଅସାମାଜିକ ଲୋକଙ୍କ ପଥର ମାଡରେ ସେ ଗୁରୁତର ହୋଇଥିବା କହିଛନ୍ତି ।

# ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

ବରଗଡ଼,୧୯।୧(ସମିସ):



ବରଗଡ଼ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଅତିଥି ଭାବେ ଏଡିଏମ୍ ମହେନ୍ଦ୍ର ମହାପାତ୍ର, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପଞ୍ଚ ସଖା ଶିକ୍ଷା ସେତୁ ଜିଲ୍ଲା ସହାୟକ ଅଧିକାରୀ ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧିରୋଜ୍ ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅରବିନ୍ଦ ଗୁପ୍ତାଙ୍କ ରଚିତ ପରିତୋଶ ବେହେରା, କୁମୁଦ ସାହୁ ଓ ଜୟନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏଡିଇଓ ଅମୃତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଉତ୍ସବରେ ଜିଲ୍ଲାର ୧୬ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ୬୨୪ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଦୋକାନ ଯାତ୍ରା, ଆକାଂକ୍ଷୀ ମେଳା, ଇନ୍‌ସ୍ପାୟରିଂ ଓଡ଼ିଶା -୨୦୨୬, ଆକାଂକ୍ଷୀ ଛାତ୍ର ପରିସର - ଦି ଟ୍ୟାଲେଣ୍ଟ ଗ୍ୟାଲେରୀର ୩ଟି ବିଭାଗରେ ୩୩୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ୨୩ ଜଣ ଅନୁଭବୀ ଶିକ୍ଷକ ବିଚାରକ ଭାବେ ପ୍ରକଳ୍ପ ଗୁଡିକୁ ମୂଲ୍ୟାଙ୍କନ କରିଥିଲେ । ପ୍ରତ୍ୟେକ ବିଭାଗରୁ ତିନି ତିନି ଜଣ କୃତୀ ପ୍ରତିଯୋଗୀ ଆସନ୍ତା ସପ୍ତାହରେ ହେବାକୁ ଥିବା ରାଜ୍ୟସ୍ତରୀୟ ପିଏମଶ୍ରୀ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ବିଇଓ ଡ.ସୁରେନ୍ଦ୍ର ସାହୁ, ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ, ବରପାଲି ବିଇଓ ମୁକୁନ୍ଦ ମାହାରା, ଝାରବନ୍ଧ ବିଇଓ ଶୁଭମ୍ ପତି, ଅତାବିରା ବିଇଓ ମିଶ୍ରାଣୀ କୁମ୍ଭାର, ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା, ଜର୍ଜ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ରାଣା ପ୍ରତାପ ହାଇସ୍କୁଲ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ସମେତ ସମସ୍ତ ପିଏମଶ୍ରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶିକ୍ଷକ ଗୋପବନ୍ଧୁ ପୁରୋହିତ ଓ ଗୋବିନ୍ଦ ସେଟ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପିଏମଶ୍ରୀ ସିମେଣ୍ଟ ନଗର ଉଚ୍ଚ ବିଦ୍ୟାଳୟର ଦୁଲ୍‌ଦୁଲି, ଜର୍ଜ ଉଚ୍ଚ ବିଦ୍ୟାଳୟ ଓ ନୃତ୍ୟ ଶିଳ୍ପୀ ଶିବ ଶଙ୍କର ମେହେର ଓ ସାଥୀଙ୍କ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରିୟବ୍ରତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବୁଣାକାର ଓ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା

**ପୁନର୍ବାର ସଭାପତି ହେଲେ ହରିବୋଲ ଓ ସମ୍ପାଦକ ପ୍ରେମଲାଲ**

ପଦ୍ମପୁର,୧୯।୧(ସମିସ): ପଦ୍ମପୁର ବ୍ଲକ୍ ଅଧୀନ ମହୁଲପାଲି ସମ୍ବଲପୁରୀ କପଡା ବଜାର ପରିସରରେ ମାଁ ସମଲେଇ ହସ୍ତତନ୍ତ ବୁଣାକାର ଓ ବେପାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଖପାଖ ଅଞ୍ଚଳ ତଥା ବିଭିନ୍ନ ଜିଲ୍ଲାର ବୁଣାକାର ଓ ବ୍ୟବସାୟୀ ମାନେ ଉପସ୍ଥିତ ଥିଲେ । ବୈଠକରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ସର୍ବସମ୍ମତି କ୍ରମେ ସଭାପତି ଭାବେ ପୁନର୍ବାର ହରିବୋଲ ମେହେର, ସମ୍ପାଦକ ଭାବେ ପ୍ରେମଲାଲ ମେହେର, କୋଷାଧ୍ୟକ ଭାବେ କୃଷ୍ଣ ମେହେରଙ୍କୁ ଚୟନ କରାଯାଇଛି ।

## ଲାଞ୍ଜିଗଡ଼ ସମବାୟ ସମିତି ଧାନ ମଣ୍ଡି

# ପଡ଼ିଛି ୧ ହଜାର ୬୦୦କୁଇଣ୍ଟାଲ ଧାନ

**ଲାଞ୍ଜିଗଡ଼, ୧୯ ।୧(ସମିସ)**

ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସମବାୟ ସମିତି ଧାନ ମଣ୍ଡିରେ ବର୍ତ୍ତମାନ ପଡ଼ିରହିଛି ୧ ହଜାର ୬୦୦କୁଇଣ୍ଟାଲ ଧାନ। ବାରମ୍ବାର ଚାଷୀଙ୍କ ଅଭିଯୋଗ ସତ୍ତ୍ୱେ ବି ଟାର୍ଗେଟ ଥାଇ ମଧ୍ୟ ମିଲର୍ସମାନଙ୍କ ମନମାନି ଯୋଗୁଁ ମଣ୍ଡିରୁ ଉଠୁନାହିଁ ଧାନ। ଟୋକନ ସମୟ ଶିମା ଶେଷ ହେବା ଆଶଙ୍କାକୁ ନେଇ ଲାଞ୍ଜିଗଡ଼-ମୁନିଗୁଡା ମୁଖ୍ୟ ରାସ୍ତା ୪ ଘଣ୍ଟା କାଳ ଅବରୋଧ କରିଥିଲେ ୬ଟି ପଞ୍ଚାୟତର ଶତାଧିକ ଚାଷୀ। ସୂଚନା ଅନୁସାରେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସମବାୟ ସମିତି ଅଧୀନରେ ଥିବା ମଣ୍ଡିରେ ଚଳିତ ବର୍ଷ ଖରିପ ଋତୁର ଧାନ ବିକିବା ପାଇଁ ୬ଟି ପଞ୍ଚାୟତର ଚାଷୀ ପଞ୍ଜିକୃତ କରିଥିଲେ। ଗତ ୨୦ ଡିସେମ୍ବରରେ ମଣ୍ଡି ଆରମ୍ଭ ହୋଇଥିଲା ବେଳେ ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଟୋକାନ ସମୟସୀମା ରହିଥିବା ୧୫୯ ଜଣ ଚାଷୀଙ୍କଠାରୁ ୬ ହଜାର ୧୧୫କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା।




ଅବଶିଷ୍ଟ ୨୫୦ ଚାଷୀଙ୍କ ମଧ୍ୟରୁ ୨୨ ଜଣ ଚାଷୀଙ୍କ ୧ ହଜାର ୬୦୦କୁଇଣ୍ଟାଲ ଧାନ ଏବେ ମଣ୍ଡିରେ ପଡ଼ିରହିଛି। ଅଧିକାଂଶ ଚାଷୀଙ୍କ ଟୋକନ ସମୟ ସୀମା ୨ରୁ ୪ ଦିନ ମଧ୍ୟରେ ଶେଷ ହେବାକୁ ଯାଉଛି। ବର୍ତ୍ତମାନ ଦୀର୍ଘ ଦିନ ହେଲା ଶୀତ କାକରରେ ମଣ୍ଡିରେ ପଡ଼ି ରହିଛନ୍ତି ଚାଷୀ। ଏବେ ସମବାୟ ସମିତି ଧାନ ମଣ୍ଡିରେ ଏବେ ୧ ହଜାର ୬୦୦କୁଇଣ୍ଟାଲ ଧାନ ପଡ଼ି ରହିଥିବା ବେଳେ ବାରମ୍ବାର ଚାଷୀଙ୍କ ଅଭିଯୋଗ ସତ୍ତ୍ୱେ ବି ଟାର୍ଗେଟ ଥାଇ ମଧ୍ୟ ମିଲର୍ସମାନେ ମଣ୍ଡିରୁ ଉଠାଉ ନାହାନ୍ତି ଧାନ। ଏହାକୁ ନେଇ ଚାଷିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଟୋକନ ସମୟ ଶିମା ଶେଷ ହେବା ଆଶଙ୍କାକୁ ନେଇ ସୋମବାର ସକାଳୁ ୭ ଟାରୁ ୧୨ ଘଣ୍ଟା ପର୍ଯ୍ୟନ୍ତ ୬ ଗୋଟି ପଞ୍ଚାୟତର ଶତାଧିକ ଚାଷୀ ଲାଞ୍ଜିଗଡ଼-ମୁନିଗୁଡା ମୁଖ୍ୟ ରାସ୍ତା ୪ ଘଣ୍ଟା କାଳ ଅବରୋଧ କରିଥିଲେ।ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିବା ବେଳେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଲାଞ୍ଜିଗଡ଼ ପୋଲିସ ଏସଆଇ ଢୋଳାମଣି ବିଶି ଘଟଣା ସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ

### ମୁଖ୍ୟରାସ୍ତା ଅବରୋଧ କଲେ ଶତାଧିକ ଚାଷୀ

ପାଇଁ ଚାଷୀ, ଲାଞ୍ଜିଗଡ଼ ସମବାୟ ସମିତି ଓ ମିଲର୍ଷଙ୍କ ସହିତ ଆଲୋଚନା କରି ଆସନ୍ତା ୪ ଦିନ ମଧ୍ୟରେ ଧାନ ଉଠାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ପରେ ପ୍ରାୟ ୪ ଘଣ୍ଟା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଆସନ୍ତା ୪ ଦିନ ମଧ୍ୟରେ ଧାନ ଉଠାନ ଗଲେ ପୁଣି ରାଜ ରାସ୍ତାକୁ ଓଲାଇବୁ ବୋଲି ୬ଟି ପଞ୍ଚାୟତର ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମଅଭିଯୋଗ ଶୁଣାଣି

**ତରଭା, ୧୯ ।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ତରଭା ପଞ୍ଚାୟତ ସମିତି ଅନ୍ତର୍ଗତ ମେଣ୍ଡା କାର୍ଯ୍ୟାଳୟସ୍ଥିତ ମେଣ୍ଡା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼.ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୬୨ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୮ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୩୪ଟି ସାମୂହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ସମସ୍ତ ସାମୂହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେଥି ମଧ୍ୟରେ ମେଣ୍ଡାର ଗୋଟିଏ ଏସଏଚ୍‌ଜି ଦଳ ଗ୍ରାମରେ ହେଉଥିବା ମଦ ବିକ୍ରି ବନ୍ଦ କରିବା ପାଇଁ ଦାବି ରଖିଥିବା ବେଳେ ଶୀଘ୍ର ମେଣ୍ଡା ଫାଣ୍ଡିକୁ ଥାନା ମାନ୍ୟତା ଦେବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି।ତରଭା ଗୋଷ୍ଠୀ ଉନ୍ନୟନ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଇଥିବା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର,



ତରଭା ପଞ୍ଚାୟତ ସମିତି ଅଧକ୍ଷ ସରୋଜ କୁମାର କର୍ଣ୍ଣ, ଉପଜିଲ୍ଲାପାଳ, ଡ଼ ସୌମ୍ୟାରୂପା ରଥଙ୍କ ସମେତ ତହସିଲଦାର, ଶ୍ୱେତଲିନା ମାହାଣା, ମେଣ୍ଡା ସରପଞ୍ଚ ଲିଜାରାଣୀ ଦଣ୍ଡସେନା, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

## ଅଟୋ ସହ ଗଞ୍ଜେଇ ଜବତ, ଜଣେ ଗିରଫ

**ବୌଦ୍ଧ, ୧୯ ।୧ (ସମିସ):** ବୁଟୁପାଲି-ବଘିଆପଡ଼ା ରାସ୍ତାର ବୌଦ୍ଧ ଥାନା ଗଉଡଦେଇ ନିକଟରୁ ଏକ ଅଟୋ ସହ ୪୧ କେଜି ଗଞ୍ଜେଇ ଜବତ କରି ଜଣଙ୍କୁ ଗିରଫ କରିଛି ବୌଦ୍ଧ ପୁଲିସ। ମିଳିଥିବା ସୂଚନା ଅନୁଯାୟୀ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ପୁଲିସ ଟିମ ଗଉଡଦେଇ ଆଇଟିଆଇ ନିକଟରେ ଜଗି ରହିଥିଲା। ବଘିଆ ପଡ଼ା ପଟୁ ଆସୁଥିବା ଏକ ଅଟୋକୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରି ଥିଲା ଓ ଅଟୋରେ ଥିବା ଜଣଙ୍କୁ ଗିରଫ କରିଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୪୧ କେଜି ହୋଇଥିଲା। ଏ ସମ୍ପର୍କରେ ବୌଦ୍ଧ ଥାନାରେ ମାମଲା ରୁଜୁ କରି ଅଟୋ ଓ ଗଞ୍ଜେଇକୁ ଜବତ କରି ତଦନ୍ତ ଚାଲିଥିବା ଆଇଆଇସି ନଳିନୀ କାନ୍ତ ଦାସ ସୂଚନା ଦେଇଛନ୍ତି।

## ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତିଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧ, ୧୯।୧(ସମିସ):** ସୋମବାର ବୌଦ୍ଧ ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ କୋଷାଧ୍ୟକ୍ଷ ବିକାଶ ରଞ୍ଜନ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଜି ସନ୍ଧ୍ୟାରେ ଶ୍ରୀ ମହାନ୍ତି ଓ ଶ୍ରୀ ପ୍ରଧାନ ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ପହଞ୍ଚି ପ୍ରଥମେ ଖେଳପଡ଼ିଆ ବୁଲି ଦେଖିବା ସହ ଯୁବ କ୍ରିକେଟ ଖେଳାଳିଙ୍କ ସହିତ ଆଲୋଚନା କରିଥିଲେ। ବୌଦ୍ଧ ଜିଲ୍ଲା କ୍ରିକେଟ ସଙ୍ଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଓସିଏ କୋଷାଧ୍ୟକ୍ଷ ବିକାଶ ରଞ୍ଜନ ପ୍ରଧାନଙ୍କୁ ବିଭିନ୍ନ କ୍ରୀଡା ସଂଗଠନ ତଥା ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା କ୍ରିକେଟ ସଙ୍ଘ ସଭାପତି ନିରଞ୍ଜନ ମେହେର, ସମ୍ପାଦକ ଯୁଗଳ କିଶୋର ସାମଲ, ପୂର୍ବତନ ସଭାପତି ଲମ୍ବୋଦର ପୁରୋହିତ, ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତି ରଞ୍ଜନ ଭୁଏ ମଞ୍ଚାସୀନ ଥିଲେ। ବୌଦ୍ଧ ଜିଲ୍ଲାର ଦଶରୁ ଉର୍ଦ୍ଧ୍ୱ କ୍ରୀଡ଼ା ସଂଗଠନ ଯୋଗଦେଇ ଶ୍ରୀ ମହାନ୍ତି ଓ ଶ୍ରୀ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଉଭୟଙ୍କୁ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ବୌଦ୍ଧ ଜିଲ୍ଲାରେ କ୍ରିକେଟ ଖେଳର ଉନ୍ନତି ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାର ବରିଷ୍ଠ କ୍ରିକେଟ ଖେଳାଳିଙ୍କ ସହ ଓସିଏ ସଭାପତି ଶ୍ରୀ ମହାନ୍ତି ଆଲୋଚନା କରିଥିଲେ।

### ନବମ ଗଡ଼ଜାତ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଢୋଲ ମହୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ




**ବୌଦ୍ଧ, ୧୯।୧(ସମିସ):** ନବମ ଗଡ଼ଜାତ ଲୋକ ମହୋତ୍ସବର ଆଜି ଦ୍ୱିତୀୟ ସନ୍ଧ୍ୟାରେ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଗାଇଗୋଉରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ବିନୟ ଭୋଇ ଯୋଗଦେଇ ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର କଳା ସଂସ୍କୃତିର ବିକାଶ ପାଇଁ ପରାମର୍ଶ ଦେଇଥିଲେ। ଆଜିର ସନ୍ଧ୍ୟାରେ ବଲାଙ୍ଗୀର ଲୋକନୃତ୍ୟ ଢୋଲ ମହୁରୀ ଓ ଆଠ ଗୋଟି ବିଦ୍ୟାଳୟର କୁନି କଳାକାର ଏବଂ ସ୍ଥାନୀୟ ଲୋକ ନୃତ୍ୟ ପରିବେଷଣ କରି ମଞ୍ଚ ଦୁଲୁକେଇ ଦେଇଥିଲେ। କମିଟିର ସମ୍ପାଦକ ଓ ସମସ୍ତ ସଭ୍ୟ, ଡ୍ରାଇଭର ମହାସଂଘ, ପୁଲିସ ବାହିନୀ ସହଯୋଗ କରିଥିଲେ। ମହୋତ୍ସବରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଷ୍ଟଲ, ମିନା ବଜାର ବୁଲି ଦର୍ଶକମାନେ ଉପଭୋଗ କରିଥିଲେ। ଅତିଥି ପରିଚୟ ବିଜୟ କୁମାର ସାହୁ ପ୍ରଦାନ କରିଥିବା ବେଳେ ଲିଙ୍ଗରାଜ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପାତଳପଡ଼ା ଗ୍ରାମୀଣ କ୍ରିକେଟ କପ୍ : ବଙ୍ଗୋମୁଣ୍ଡା ଚାମ୍ପିଅନ



**କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୧୯ ।୧ (ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଚୁଲିଫୁଙ୍କା ପଞ୍ଚାୟତ ପାତଳପଡ଼ା ଗାଁ ପଡ଼ିଆରେ ଚାଲିଥିବା ଗ୍ରାମୀଣ କ୍ରିକେଟ କପ୍ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ବେହେରା ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିୟ ଅତିଥି ଭାବେ ଯୁବ ସମାଜସେବୀ ସୁଶାନ୍ତ ବେହେରା, ସମାଜସେବୀ ଦେବେନ୍ଦ୍ର ମାଝୀ, ପୂର୍ବତନ ବଙ୍ଗୋମୁଣ୍ଡା ସରପଞ୍ଚ ସୁଶାନ୍ତ କୁମାର ଯୋଶୀ, ନାଏବ ସରପଞ୍ଚ ତିରଣ ଭରାସଗରିଆ, ଅବସରପ୍ରାପ୍ତ ସୈନିକ ଉମା ଘିଭେଲା, ଯୁବନେତା ଧନସିଂ ନାଗ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲ, ବୁଦ୍ଧିସାଗର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ୧୬ ଟି ଦଳ ଭାଗ ନେଇଥିବା ବେଳେ ବଙ୍ଗୋମୁଣ୍ଡା ଓ ପାତଳପଡ଼ା ଦଳ ଫାଇନାଲ୍ ରେ ଉତ୍ତୀର୍ଣ୍ଣ ହୋଇଥିଲା। ପାତଳପଡ଼ାକୁ ପରାସ୍ତ କରି ବଙ୍ଗୋମୁଣ୍ଡା ଦଳ ଚାମ୍ପିଅନ ହୋଇଛି। ଡ଼ମନା ହଂସ ଓ ମଣି ବଛା ଖେଳ ପରିଚାଳନା କରିଥିଲେ।ଆୟୋଜକ କମିଟିର ସଭାପତି ମୋହନ ଲାଲ ନାଗ, ଉପସଭାପତି ବିନୋଦ ନାଗ, ସମ୍ପାଦକ ଡ଼ମନା ହଂସ, ସହସମ୍ପାଦକ ଅଚ୍ୟୁତ ବଛା, କୋଷାଧ୍ୟକ୍ଷ ଗଗନ ହଂସ, ସଦସ୍ୟ ତରୁଣ ଟାହାଣୀ, ମଧୁ ଜାନୀ, ଚମ୍ପେ ଜାନୀ, କରନ ଭୋଇ, ସିଦ୍ଧାନ୍ତ ଭୋଇ, ମିନି ବଛା, ବିଜୁ ଭୋଇ, କୌତୁକ ଜାନୀ, ଦେବରାଜ ଜାନୀ ପ୍ରମୁଖଙ୍କ ସହ ଆୟୋଜକ କମିଟିର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

## କଂଗ୍ରେସ ପ୍ରତିନିଧି ଦଳର ଧାନ ମଣ୍ଡି ପରିଦର୍ଶନ

**ବିନିକା, ୧୯ ।୧(ସମିସ):** ଦୁନିଆକୁ ଆହାର ଯୋଗାଉଥିବା ଚାଷୀକୂଳକୁ ତାଙ୍କ ହକ ଦେବାରେ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଧାନ ମଣ୍ଡି ପରିଦର୍ଶନରେ ଆସିଥିବା କଂଗ୍ରେସ ପ୍ରତିନିଧି ଦଳର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଅସାଧୁ ମଣ୍ଡି କର୍ମଚାରୀ ଓ ମିଲ ମାଲିକଙ୍କ ପ୍ରୀୟାପ୍ରିତି ଶୋଷଣକୁ ଭଙ୍ଗ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲା କିଶାନ କଂଗ୍ରେସ ଅଣ୍ଟା ଭିଡ଼ି ଆଜି ଜିଲ୍ଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କ ଠାରୁ ଧାନ କିଣା ବ୍ୟବସ୍ଥା ଅବ୍ୟବସ୍ଥା ଉପରେ ତଥ୍ୟ ସଂଗ୍ରହ କରିଛନ୍ତି। ଜିଲ୍ଲା କିଶାନ କଂଗ୍ରେସ ସଭାପତି ସଂଗ୍ରାମ କେଶରୀ ନାୟକଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିନୋଦ ପାତ୍ର, ବରିଷ୍ଠ କଂଗ୍ରେସ ନେତା ନରେନ୍ଦ୍ର ସାହୁ, ବିନିକା ବ୍ଲକ ସଭାପତି ରାଧାମୋହନ ଭୂଏ, ଜିଲ୍ଲା ସମ୍ପାଦକ ସୁବ୍ରତ କୁମାର ପାତ୍ର, ସୋନପୁର ବ୍ଲକ ସଭାପତି ଲକ୍ଷ୍ମଣ ସୁନା, ଯୁବ ନେତା ରାଜା ହରିପାଲ, ଭାଗିରଥି ବଗର୍ତ୍ତି ପ୍ରମୁଖ ପ୍ରତିନିଧି ମଣ୍ଡଳୀ ଜିଲ୍ଲାର ଖର୍ଜୁରା, ବିନିକା ବ୍ଲକର ମହାଦେବପାଲି, ବାଉଁଶୁନି, ବିନିକା ଆଦି ଧାନମଣ୍ଡି କେନ୍ଦ୍ର



ପରିଦର୍ଶନ କରିଥିଲେ। ସବୁ ମଣ୍ଡିରେ ୪ରୁ ୫କେଜି ବାଧ୍ୟତା ମୂଳକ ଭାବେ କଟଣୀ ଛଟଣି କରାଯାଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଚାଷୀ ମାନଙ୍କ ସମସ୍ୟା ନେଇ କଂଗ୍ରେସ ପ୍ରତିନିଧି ଦଳ ଘଟଣା ସ୍ଥଳରେ ହିଁ ପେକ୍ସ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। କିନ୍ତୁ କଟଣୀ ଛଟଣିକୁ ସେମାନେ ଖଣ୍ଡନ କରିଥିଲେ। ଡବଲ ଇଞ୍ଜିନ ସରକାର ଧାନ କିଣା ବ୍ୟବସ୍ଥା ଠିକ ଭାବେ ଚାଲିଛି ବୋଲି ବାହାବା ନେଉଛନ୍ତି। କିନ୍ତୁ ଚାଷୀ ନିଜର କଷ୍ଟ ପାର୍ଜିତ ଧାନ ବିକ୍ରି କରି ନପାରି ସମସ୍ୟା ଭୋଗୁଛି। ତେଣୁ ସରକାର ଚାଷୀଙ୍କ ପାଖକୁ ଆସି ଘଟଣା ଉପରେ ଅନୁସନ୍ଧାନ କଲେ ପ୍ରକୃତ ତଥ୍ୟ ଜାଣି ପାରନ୍ତେ ବୋଲି କଂଗ୍ରେସ ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି। ତେଣୁ ସମସ୍ତ ଚାଷୀଙ୍କ ଧାନ କିପରି ନିର୍ଦ୍ଧାରିତ ସମୟ ମଧ୍ୟରେ ବିକ୍ରି ହେବ ଏବଂ ଚାଷୀ ତାଙ୍କର ହକ ମୂଲ୍ୟ ପାଇବେ ସେଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ କଂଗ୍ରେସ ପ୍ରତିନିଧି ଦଳ ଦାବି କରିଛନ୍ତି। ଯଦି ଚାଷୀଙ୍କ ସମସ୍ୟା ସମାଧାନ ନହୁଏ ତେବେ ଆଗାମୀ ଦିନରେ କଂଗ୍ରେସ ଏହା ଉପରେ ପ୍ରତିବାଦର ସ୍ୱର ଜୋରଦାର କରିବ ବୋଲି କଂଗ୍ରେସ ପ୍ରତିନିଧି ଦଳ ଚେତାବନୀ ଦେଇଛନ୍ତି।

## ଡ଼ାଙ୍ଗମୁଣ୍ଡାରେ ବନ ସୁରକ୍ଷା କମିଟି

**ମନମୁଣ୍ଡା, ୧୯।୧(ସମିସ):** ମନମୁଣ୍ଡା ବନ ବିଭାଗ ତଥା ସେକ୍ସନ ଅନ୍ତର୍ଗତ ଡ଼ାଙ୍ଗମୁଣ୍ଡାରେ ବନ ସୁରକ୍ଷା କମିଟି ଗଠିତ ହୋଇଯାଇଛି। ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କ ନିର୍ଦ୍ଦେଶ ଓ ଦିଗଦର୍ଶନ କ୍ରମେ ଓଏଫ୍ଏସ ଡିପିଓର ଟିମ୍ ଲିଡର ମଳୟକାନ୍ତ ନାଏକ, ଏଫ୍ଏମ୍ୟୁ ସଂଯୋଜକ ବସନ୍ତ କୁମାର ମିଶ୍ର, ଶେଷଦେବ ଡ଼ାଙ୍ଗ, ଡିଓ ଏନ୍ଆର୍ଏମ ବିକ୍ରମ ବିଶୋଇ, ଗୋଷ୍ଠୀ ଉନ୍ନୟନ ଡିଓ ଗାୟତ୍ରୀ ପଟ୍ଟନାୟକ ପ୍ରମୁଖ ବନ ସୁରକ୍ଷା ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହିବା ସହ ଜଙ୍ଗଲ ବୃଦ୍ଧି, ବନ୍ୟ ଜନ୍ତୁଙ୍କ ସହିତ ବନ ର ସୁରକ୍ଷା କେମିତି କରାଯିବ, ବନ ସୁରକ୍ଷା ସମିତିର କର୍ତ୍ତବ୍ୟ ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଡ଼ାଙ୍ଗମୁଣ୍ଡା ଓ ଖଲିଆମୁଣ୍ଡା ଗ୍ରାମବାସୀ ଓ ଅଙ୍ଗନବାଡ଼ି କର୍ମୀଙ୍କ ଉପସ୍ଥିତିରେ 'ଡ଼ାଙ୍ଗମୁଣ୍ଡା ବନ ସୁରକ୍ଷା ସମିତି କମିଟି' ଗଠିତ ହୋଇଥିଲା। ଏଥିରେ ସଭାପତି ଭାବେ ସୁଦାମ ଚରଣ ଖେତୀ, ଉପସଭାପତି ଭାବେ ତରଙ୍ଗିନୀ ସେଠୀ, ସମ୍ପାଦକ ଭାବେ ଉଗ୍ରସେନ ଭୋଇ ଏବଂ କୋଷାଧ୍ୟକ୍ଷ ଭାବେ ଭୀମସେନ କର୍ଣ୍ଣଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା।

## ୨୦୧୮ ବ୍ୟାଚ୍ ଶିକ୍ଷକଙ୍କ ବନ୍ଧୁ ମିଳନ

**ଶଗଡ଼ା, ୧୯।୧(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଶଗଡ଼ାସ୍ଥିତ ପର୍ଯ୍ୟଟନସ୍ଥଳୀ ଖଣ୍ଡି କନପା ପରିସରରେ ୨୦୧୮ ମସିହାରେ କନ୍ଧମାଳ ବ୍ଲକରେ ନିଯୁକ୍ତି ପାଇଥିବା ପ୍ରାଥମିକ ଶିକ୍ଷକମାନଙ୍କର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୫ରୁ ଅଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଉପସ୍ଥିତ ସଦସ୍ୟମାନେ ପ୍ରଥମେ



ସେଠାରେ ଥିବା ଶିବ ମନ୍ଦିରରେ ପୂଜା ଅର୍ଚ୍ଚନା କରିଥିଲେ। ତା'ପରେ ଏକ ସଭାର ଆୟୋଜନ ହୋଇଥିଲା। ଶିକ୍ଷକମାନେ ନିଜ ନିଜର ଚାକିରି କାଳର ଅନୁଭୂତି ବାଣ୍ଟିବା ସହ ଶିକ୍ଷକମାନଙ୍କ ଦ୍ୱାରା ନୃତ୍ୟ ଗୀତର ଆୟୋଜନ କରାଯାଇଥିଲା। ୨୦୧୮ ମସିହାରୁ ଆଜି ପର୍ଯ୍ୟନ୍ତର ଯାତ୍ରାକୁ ନେଇ ସ୍ମୃତି ଚାରଣ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ସଂଘର ସଭାପତି ପ୍ରଣବ କୁମାର ବାଘ, ସମ୍ପାଦକ ଶିବନାଥ ପଣ୍ଡା, ସହ ସମ୍ପାଦିକା ଭାଗ୍ୟଶ୍ରୀ ବିଶ୍ୱାଳ, କୋଷାଧ୍ୟକ୍ଷ ଦେବପ୍ରସାଦ ସାହୁ, ରାଜୀବ ସାହୁ, ଶାନ୍ତନୁ କହଁର, ସୁଷମା ମାଝୀ, ଝିନା ମେହେର, ଦୁଷ୍ମନ୍ତ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଆଗାମୀ ଦିନରେ ଏଭଳି ଏକତା ବଜାୟ ରଖିବାକୁ ସମସ୍ତେ ଶପଥ ନେଇଥିଲେ।

## ବାଇକ୍ ଧକ୍କାରେ ମହିଳା ମୃତ

**ବୌଦ୍ଧ, ୧୯।୧(ସମିସ):** ବୌଦ୍ଧ ୫୭ ନମ୍ବର ଜାତୀୟ ରାଜପଥର ବାଉଁଶୁଣୀ ଥାନା ବହିରା ଗ୍ରାମ ନିକଟରେ ବାଇକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ସିଙ୍ଗାରୀ ପଟୁ ଏକ ବାଇକ ବାଉଁଶୁଣୀ ଆଡକୁ ଯାଉଥିବା ବେଳେ ରାସ୍ତା କଡରେ ଚାଲି ଚାଲି ଯାଉଥିବା ବହିରା ଗ୍ରାମର ଉର୍ମିଳା ନାଏକଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଚାଳକ ବାଇକ୍ ଛାଡି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ବାଇକ ପଛରେ ବସିଥିବା ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସରେ ଜିମା ଦେଇଛନ୍ତି। ଖବର ପାଇ ବାଉଁଶୁଣୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଆଣିଥିବା ସୂଚନା ମିଳିଛି।

## ବାଇକ୍ ଧକ୍କାରେ ଦୁଇ ଗୁରୁତର

**ଜହ୍ନକ୍ଷପଙ୍କ, ୧୯ ।୧(ସମିସ):** ବୌଦ୍ଧ ଥାନା ଜହ୍ନକ୍ଷପଙ୍କ ଫାଣ୍ଡି ନାରାୟଣନଗର ତ୍ରିବେଣୀ ଛକ ନିକଟରେ ବାଇକ ଧକ୍କାରେ ଦୁଇଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ନାରାୟଣନଗର ଗ୍ରାମର ଅଜିତ ମେହେର (୩୨) ଓ ଛବି ମେହେର (୪୦) ବାଇକ୍‌ରେ ଜହ୍ନାପଙ୍କରୁ ନାରାୟଣନଗର ଯାଉଥିବା ବେଳେ ଜହ୍ନାପଙ୍କ ଗ୍ରାମର ସୁଧୀର ପ୍ରଧାନଙ୍କୁ ଧକ୍କା ଦେଇଥିଲେ। ଏଥିରେ ଉଭୟ ତିନିଜଣ ଛିଟିକି ହୋଇ ରାସ୍ତା କଡରେ ପଡ଼ି ଯାଇଥିଲେ। ଛବି ସୁସ୍ଥ ଥିବା ବେଳେ ସୁଧୀରର ମୁଣ୍ଡରେ ଗଭୀର ଆଘାତ ହୋଇଥିବା ବେଳେ ବାମ ଗୋଡ଼ ଭାଙ୍ଗି ଯାଇଥିବା ଜଣା ପଡ଼ିଛି।ସେହିପରି ଅଜିତର ମୁହଁରେ ଗଭୀର ଆଘାତ ଲାଗି ବହୁତ ରକ୍ତ ଶ୍ରାବ ହୋଇଥିବା ଜଣାପଡ଼ିଛି। ଉଭୟ ଅଜିତ ଓ ସୁଧୀର ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ନେଇଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଲୋଇସିଂହା, ୧୯ ।୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅନ୍ତର୍ଗତ କରକଟିଆ ଛକ ନିକଟ ରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ସୋମବାର ସନ୍ଧ୍ୟାରେ ବିନିକା ଅଞ୍ଚଳର ରଞ୍ଜିତ ଭେଣ୍ଣ୍ରା ଓ ଦୁର୍ଗାପାଲିର କୋଲାନିଧି ମଲ୍ଲିକ ବାଇକ୍‌ରେ ମୁହାମୁହିଁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ରଞ୍ଜିତଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କୁ ପ୍ରଥମେ ଲୋଇସିଂହା ପରେ ବଲାଙ୍ଗିରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ବଲାଙ୍ଗିର ଲୋକ ମହୋତ୍ସବ ଉଦ୍‌ଘାଟିତ

# ବଲାଙ୍ଗିରର କଳାସଂସ୍କୃତି ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି

**ବଲାଙ୍ଗିର, ୧୯।୧(ସମିସ)**

ବଲାଙ୍ଗିର କୋଶଳ କଳା ମଣ୍ଡପରେ ବଲାଙ୍ଗିର ଲୋକ ଉତ୍ସବ ସୋମବାର ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବ ର ପ୍ରାଥମିକ ପର୍ଯ୍ୟାୟରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ମଞ୍ଚ ପୂଜା ସହ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଞ୍ଚ ପୂଜା କରିବା ପରେ ଏହି ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବିଭିନ୍ନ ସାଂସ୍କୃତିକ ଦଳ ସହ ଲୋକ ଉତ୍ସବ କମିଟି ଓ ସ୍ଥାନୀୟ ବ୍ୟକ୍ତିମାନେ ସହର ପରିକ୍ରମା କରିଥିଲେ। କୋଶଳ କଳା ମଣ୍ଡପରୁ ଶୋଭାଯାତ୍ରା ବାହାରି ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଦେଇ ପୁଣି କୋଶଳ କଳା ମଣ୍ଡପକୁ ପହଞ୍ଚିଥିଲା। ସେହିପରି ସଂଧ୍ୟାରେ ସାଂସ୍କୃତିକ ମହାକୁମ୍ଭର ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗ ଦେଇ ବଲାଙ୍ଗିର ତଥା ପଶ୍ଚିମ ଓଡ଼ିଶାର କଳା ସଂସ୍କୃତି ସାର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବଲାଙ୍ଗିରର କଳାକାରମାନେ ଜିଲ୍ଲା ତଥା ରାଜ୍ୟକୁ ଗୌରବନ୍ୱିତ କରିଆସୁଛନ୍ତି।ଏଭଳି ସ୍ଥିତିରେ ବଲାଙ୍ଗିର ଲୋକ ଉତ୍ସବ ମଧ୍ୟ ସେହି କଳାକାରଙ୍କ ପାଇଁ ଏକ ମଞ୍ଚ ସୃଷ୍ଟି କରିପାରିଛି। ଗୋଟିଏ ସ୍ଥାନ ରେ କଳାକାର, ମହିଳାଙ୍କ ଉତ୍କର୍ଷତା ଦେଖିବାକୁ ମିଳିଥିବା ରାଜ୍ୟସଭା ସାଂସଦ ଶ୍ରୀ ବିଶି କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଗୌରଓ ଶିବାଜୀ ଇସାଲଓର, ଆରକ୍ଷୀ ଅଧିକ୍ଷକ ଅବିଲାଶ ଜି., ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଯୋଡିଶଙ୍ଖ, ବଲାଙ୍ଗିର ଖୁସିଡ୍ୟାନ୍ସ ଏକାଡେମୀ, ସାଇ ସ୍ୱର୍ଣ୍ଣ କଳାପରିଷଦ, କୁରେଫୁଲ କଳା ପରିଷଦ, ଟିଟିଲାଗଡ଼ କ୍ଲାସିକାଲ ଡ୍ୟାନ୍ସ ଏକାଡେମୀର କଳାକାରମାନେ ନିଜ କଳା ପ୍ରଦର୍ଶନ କରିଥିଲେ। ସଂଧ୍ୟା ସମୟରେ ଅତିଥି ଙ୍କ ଦ୍ୱାରା ବିଭିନ୍ନ ସରକାରୀ ବିଭାଗର ପ୍ରଦର୍ଶନୀ



ଲୋକ ଉତ୍ସବ ସ୍ମରଣିକା କମିଟି ସହ ଅଧ୍ୟକ୍ଷ ମହେନ୍ଦ୍ର ଦର୍ଜି, ସାଂସ୍କୃତିକ କମିଟି ସହ ଅଧ୍ୟକ୍ଷ ଗୋପାଳ ପଧାନ, ସଙ୍ଗୀତ ଦାସ, କଳାକାର ଅତିଥି ରାଜୀବ ଛତ୍ରିଆ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ କଳାକାର ଗୋଲାପ ଜେନାଙ୍କୁ ସମ୍ବର୍ଦ୍ଧନାଦିଆଯାଇଥିଲା। ସଭା ସରିବା ପରେ ଗୁଜୁରାଟର ସିଧି ଧମାଲ, ଆସାମ ର ବିହୁ, ପଞ୍ଜାବର ଭାଙ୍ଗଡ଼ା, ବଲାଙ୍ଗିର ଲଳିତ ଡ୍ୟାନ୍ସ ଗ୍ରୁପ, କଳାଧାମ, କଳାହାଣ୍ଡି ର ବୀରବାଦ୍ୟ ଘୁମୁରା, ଗଞ୍ଜାମର ମେଳା, ପଲ୍ଲିଶ୍ରୀ ମେଳା ଓ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଥିଲା। ଏହାକୁ ରାଜ୍ୟସଭା ସାଂସଦ ଶ୍ରୀ ବିଶି ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀ ମେଳାରେ ବିଭିନ୍ନ ବିଭାଗର ଯୋଜନା ସମ୍ପର୍କିତ ମୋଡେଲ ପ୍ରଦର୍ଶନ କରାଯାଇଥିବା ବେଳେ ପଲ୍ଲିଶ୍ରୀ ମେଳା ଓ ସୁଭଦ୍ରା ଶକ୍ତି ମେଳା ରେ ବିଭିନ୍ନ ଜିଲ୍ଲାର ଏସଏଚ୍‌ଜି ମାନଙ୍କ ଦ୍ୱାରା ତିଆରି ହେଉଥିବା ସାମଗ୍ରୀ ଗୁଡିକର ଷ୍ଟଲ ଲଗାଯାଇଛି।

### ମହୋତ୍ସବ ଏପାଖ ସେପାଖ..

**ବିହା ବେଳେ ବାଇଗନରୁଆ**

ସମ୍ବଲପୁରୀରେ ଏକ ଢଗ ରହିଛି ବିହା ବେଳେ ବାଇଗନ ରୁଆ, ଅର୍ଥାତ ଠିକ ଆବଶ୍ୟକ ସମୟରେ ସେହି କାମ କରିବା। ଏଭଳି କିଛି ଝଲକ ସୋମବାର ବଲାଙ୍ଗିର କୋଶଳ କଳା ମଣ୍ଡପରେ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ସୂଚୀ ଅନୁସାରେ ଅପରାହ୍ନ ୨ ଟାରେ ପୁରୁଣା ମଞ୍ଚରେ କାର୍ଯ୍ୟକ୍ରମ ରଖାଯାଇଥିଲା। କିନ୍ତୁ ଏହାର ଠିକ କିଛି ଘଣ୍ଟା ପୂର୍ବରୁ ପୁରୁଣା ମଞ୍ଚ ସାମ୍ନାରେ ଆଜବେଷ୍ଟସ ଛାଉଣୀ କାମ କରାଯାଉଥିବା ଦେଖିବାକୁ ମିଳିଥିଲା। ଯେଉଁ କାମ ଆଗୁଆ ସରିବା କଥା ସେହିକାମ କୁ ଶେଷ ପର୍ଯ୍ୟନ୍ତ କରାଯାଉଥିବା ଦେଖି ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ।

**ଫିକା ଫିକା ସାଂସ୍କୃତିକ ଶୋଭାଯାତ୍ରା**

ବଲାଙ୍ଗିର ଲୋକ ଉତ୍ସବ ସାଂସ୍କୃତିକ ଶୋଭାଯାତ୍ରା ଫିକା ପଡ଼ିଥିବା ସାଧାରଣ ରେ ଆଲୋଚନା ହୋଇଥିଲା। ଏଥିପାଇଁ ଜିଲ୍ଲାର ୧୪ବ୍ଲକରୁ ଗୋଟିଏ ଗୋଟିଏ ସାଂସ୍କୃତିକ ଦଳ ଆଣିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ନିର୍ଦ୍ଦେଶ ରହିଥିବା ବେଳେ କାଁ ଭାଁ କେଉଁ ବ୍ଲକରୁ ଦଳ ଆସିଥିଲେ। ଅନ୍ୟ ବ୍ଲକ ରୁ କେହି ଆସିନଥିଲେ। ଫଳରେ ଶୋଭାଯାତ୍ରାରେ ବାହାର କିଛି କଳାକାର, ଦୁଲଦୁଲିକୁ ମିଶାଇ କାମ ଚଲାଇ ଦିଆଯାଇଥିବା ଚର୍ଚ୍ଚା ହେଉଛି।

**ଅତିଥି ଚର୍ଚ୍ଚା**

ବଲାଙ୍ଗିର ଜିଲ୍ଲା ଲୋକ ଉତ୍ସବ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହେଉଥିବା ସଭା କାର୍ଯ୍ୟରେ ଅତିଥି ଓ ସେମାନଙ୍କ ଜିଲ୍ଲା ପାଇଁ ରହିଥିବା ବାର୍ତ୍ତା ସବୁ ବେଳେ ଚର୍ଚ୍ଚାର ବିଷୟ ହୋଇଥାଏ। କେଉଁ ଦିନ କେଉଁ ଅତିଥି ଯୋଗ ଦେବେ ସେନେଇ ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ।ଏଥିପାଇଁ ଏକ କମିଟି ମଧ୍ୟ ଚୟନ କରାଯାଇଥାଏ। ଯାହାର ସବିଶେଷ ସୂଚନା ନିମନ୍ତ୍ରଣ ପତ୍ରରେ ହି ଦିଆଯାଇଥାଏ। କିନ୍ତୁ ଚଳିତ ବର୍ଷ ନିମନ୍ତ୍ରଣ ପତ୍ରରେ ସେ ନେଇ କିଛି ସୂଚନା ନାହିଁ। ତେବେ ଉଦଘାଟନୀ କାର୍ଯ୍ୟକ୍ରମରେ ଶେଷ ମୁହୂର୍ତ୍ତରେ ରାଜ୍ୟସଭା ସାଂସଦ ଯୋଗ ଦେଇଥିବା ଆଲୋଚନା ହେଉଛି। ତେବେ ଆଗକୁ କେଉଁ ଦିନ କିଏ ଉପସ୍ଥିତ ରହିବ ତାକୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଛି।

